# ବଂଶଧାରା ନଦୀର ଉପରମୁଣ୍ଡରେ ବନ୍ଧ ନିର୍ମାଣ ଦାବି

## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଗୁଣପୁର,୬।୪(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲାର ଚିରସ୍ରୋତା ପୁଣ୍ୟତୋୟା ବଂଶଧାରା ନଦୀ ଉପରମୁଣ୍ଡରେ ଜଳ ଆନିକଟ ପ୍ରକଳ୍ପ ନିର୍ମାଣ କରିବା ନେଇ ଦାବି ଉଠିଛି । ଏ ନେଇ ଏକ ଦାବିପତ୍ର ବଂଶଧାରା ସୁରକ୍ଷା ସମିତି ପକ୍ଷରୁ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଗୁଣପୁର ଉପଜିଲାପାଳ ଅଭିଷେକ ଦିଲୀପ ଦୁଧାଲଙ୍କୁ ପ୍ରଦାନ କରାଯାଇଛି । ସେହିପରି ଏହି ଦାବିକୁ ନେଇ ଗୁଣପୁର ଓକିଲ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତି କ୍ରମେ ମଙ୍ଗଳବାର ଏକ ଦାବିପତ୍ର ଉପ ଜିଲାପାଳଙ୍କୁ ପ୍ରଦାନ ନେଇ ସ୍ଥିର ହୋଇଛି ।

ବଂଶଧାରା ନଦୀ ଉଭୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଦେଇ ପ୍ରବାହିତ ହେଉଛି। ଉଦ୍‌ଗମନ ସ୍ଥଳରୁ ୨୫୪ କିଲୋମିଟର ପ୍ରବାହିତ ହୋଇଥିବା ନଦୀରୁ ଓଡ଼ିଶାରେ ୧୨୫ କିଲୋମିଟର ଓ ଆନ୍ଧ୍ର-ଓଡ଼ିଶା ଉଭୟ ପ୍ରଦେଶର ୨୯ କିଲୋମିଟର ତଟ ସମପ୍ରବାହ ହୋଇ କଳିଙ୍ଗପାଟଣାଠାରେ ବଙ୍ଗୋପସାଗରରେ ସମ୍ମିଳିତ ହୋଇଛି । ୧୯୬୧-୬୨ରୁ କେନ୍ଦ୍ର ସରକାରଙ୍କ ପ୍ରଯୋଜନାରେ ଉଭୟ ରାଜ୍ୟ ଜଳ ଆବଣ୍ଟନ ଚୁକ୍ତି ହୋଇଥିଲା, ଯାହା ନେରେଡି ପର୍ଯ୍ୟାୟ -୧ ଓ କାଟ୍ରାଗଡାଠାରେ ନେରେଡି ପର୍ଯ୍ୟାୟ -୨ ଉଭୟ ପ୍ରଦେଶ ସରକାର ଚୁକ୍ତି ଜରିଆରେ କାର୍ଯ୍ୟ ନିର୍ବାହ କରିବାକୁ ସହମତି ପ୍ରକାଶ କରିଥିଲେ। କିନ୍ତୁ ଚୁକ୍ତିର ଖିଲାପ କରି ଆନ୍ଧ୍ରପ୍ରଦେଶ ଜଳ ଆନିକଟ ପର୍ଯ୍ୟାୟ -୨ କେନାଲ ନିର୍ମାଣ, ବନ୍ଧର ଉଚ୍ଚତା ବୃଦ୍ଧି, ଗ୍ରୀଷ୍ମକାଳରେ ନଦୀଜଳ ଶୋଷିବାକୁ ଗୁପ୍ତ ଯୋଜନା କରି ଆସୁଅଛି। ଯାହାକୁ ଗଜପତି ଓ ରାୟଗଡ଼ା ଜିଲାର ନଦୀ ତଟବର୍ତ୍ତୀ ଅଞ୍ଚଳର ଜନତା ପ୍ରବଳ ବିରୋଧ କରି ଆସୁଛନ୍ତି। ଆନ୍ଧ୍ର ସରକାରଙ୍କର ଏକଚାଟିଆ କାର୍ଯ୍ୟକୁ ପ୍ରତିବାଦକରି ଓଡ଼ିଶା ସରକାର ପକ୍ଷଭୁକ୍ତ ହୋଇ ନେରେଡି ପ୍ରକଳ୍ପ ନିର୍ମାଣ ପୁନର୍ବିଚାର ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିଲା । ଏବେ ବଂଶଧାରା ଟ୍ରିବ୍ୟୁନାଲ ଚୂଡାନ୍ତ ରାୟ ପ୍ରକାଶ ପାଇଛି, ଯାହା ଆନ୍ଧ୍ରର ଜଳଭାଗ ସୁନିଶ୍ଚିତ କରୁଥିବାବେଳେ ଓଡ଼ିଶାର ନଦୀ ତଟବର୍ତ୍ତୀ ଲୋକେ ଆଶଙ୍କା ଓ ଆତଙ୍କିତ ଅଛନ୍ତି । ଏହାକୁ ପ୍ରତିହିତ କରିବାକୁ ହେଲେ ବଂଶଧାରା ଉପରମୁଣ୍ଡରେ ଜଳ ଆନିକଟ ନିର୍ମାଣ ପାଇଁ ଦାବି ଜଣାଇଥିଲେ । ଦାବିପତ୍ର ପ୍ରଦାନ ସମୟରେ ବଂଶଧାରା ସୁରକ୍ଷା ସମିତିର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ସମେତ ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଅକ୍ଷୟ ଦାଶ, ଓକିଲ ସଂଘର ସଭାପତି ରାଜେଶ ଚନ୍ଦ୍ର ଲିମା, ଭାଜପା ନେତା ୱାଇ.ଗଣପତି, ପ୍ରମୋଦ ସାହୁ, ବିଜେଡି ନେତା ଅଶ୍ୱିନୀ ଗମାଙ୍ଗ, ପିଙ୍କୁ ପଣ୍ଡା, ସାମାଜିକ କର୍ମୀ ଉମା ଦାସ, ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ ।


ଗୁଣପୁର ଉପଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି ।

# ବିଦ୍ୟାଧର ଅଧ୍ୟକ୍ଷ, ମଞ୍ଜୁଳା ଉପାଧ୍ୟକ୍ଷା

## ରାୟଗଡା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ କମିଟି ଘୋଷଣା

ରାୟଗଡ଼ା,୬।୪
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ କମିଟି ସୋମବାର ଘୋଷଣା ହୋଇଛି । ରାୟଗଡ଼ା ଜିଲା ଏସଡିସି ଅଧ୍ୟକ୍ଷ ଭାବେ ବିଦ୍ୟାଧର ଶବର ଓ ଉପାଧ୍ୟକ୍ଷା ଭାବେ ମଞ୍ଜୁଳା ମିଣିଆକାଙ୍କୁ ମନୋନୀତ କରାଯାଇଛି । ଉଭୟେ ଭାଜପା ଦଳର ତୃଣ ନେତା ଥିବାବେଳେ ଦୀର୍ଘ ଦିନ ହେବ ଦଳରେ ରହି ସଂଗଠନ କାର୍ଯ୍ୟ କରୁଥିଲେ । ମଞ୍ଜୁଳା ବର୍ତ୍ତମାନ ରାୟଗଡ଼ା ପୌର ପରିଷଦ କାଉନସିଲର ରହିଛନ୍ତି । ଉଭୟଙ୍କ ନିଯୁକ୍ତି ପରେ ଜିଲାରେ ଭାଜପା ମହଲରେ ଖୁସିର ଲହରୀ ଖେଳିଯାଇଛି । ଦଳ ପକ୍ଷରୁ ଜିଲାର ଗୁଣପୁର ନିର୍ବାଚନ ମଣ୍ଡଳୀରୁ ବିଦ୍ୟାଧର ଓ ରାୟଗଡ଼ା ନିର୍ବାଚନ ମଣ୍ଡଳୀରୁ ମଞ୍ଜୁଳାଙ୍କୁ ଚୟନ କରିଥିବା ବେଳେ ଆଗାମୀ ଦିନରେ ହେବାକୁ ଥିବା ନିଗମ ପଦବୀରେ ବିଷମକଟକ ନିର୍ବାଚନ ମଣ୍ଡଳୀକୁ ପ୍ରତିନିଧିତ୍ୱ ମିଳିବା ନେଇ ଦଳ ଭିତରେ ଆଲୋଚନା ଚାଲିଛି ।


ବିଦ୍ୟାଧର ଶବର


ମଞ୍ଜୁଳା ମିଣିଆକା

# ଜିଲାର ବିକାଶ ପାଇଁ କାମ କରିବି : ବିଦ୍ୟାଧର

ଗୁଣପୁର,୬।୪
( ସୁଜାତା ପାଢ଼ୀ/ସଂକେତ ପାତ୍ର)

ଗୁଣପୁର ଅଞ୍ଚଳର ଆଦିବାସୀ ନେତା ଭାବେ ପରିଚିତ ରାଜ୍ୟ ଭାଜପାର ଆଦିବାସୀ ମୋର୍ଚ୍ଚାର ଉପସଭାପତି ଥିବା ବିଦ୍ୟାଧର ଶବରଙ୍କୁ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ଘୋଷଣା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ବିଦ୍ୟା ଶବର ପଦ୍ମପୁର ବ୍ଲକରେ ଦୁଇ ଥର ଜିଲା ପରିଷଦ ନିର୍ବାଚନ ଲଢ଼ି ବହୁ କମ୍ ଭୋଟରେ ହାରିଥିଲେ । ସେ ରାଜ୍ୟ ଆଦିବାସୀ ମୋର୍ଚ୍ଚାର ସମ୍ପାଦକ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ତଥା ଗୁଣପୁର ଶବର ସାଂସ୍କୃତିକ ପରିଷଦର ଜଣେ ସକ୍ରିୟ ସଦସ୍ୟ ଥିଲେ । ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଆଗାମୀ ଦିନରେ ରାୟଗଡ଼ା ଜିଲାର ବିକାଶ, ବିଶେଷକରି ଜିଲାର ଅର୍ଥନୈତିକ ପ୍ରଗତି ଓ ବେରୋଜଗାରୀଙ୍କୁ ରୋଜଗାର ସୃଷ୍ଟି କରିବା ପାଇଁ ସମସ୍ତ ଗୁରୁଜନଙ୍କ ସହାୟତା ନେଇ କାମ କରିବେ ବୋଲି କହିଛନ୍ତି । ଏହି ଅବସରରେ ତାଙ୍କୁ ଜିଲାର ବହୁ ନେତାଙ୍କ ଶୁଭେଚ୍ଛାର ସୁଅ ଛୁଟିଛି ।

# ଅଭିଯୋଗର ତୁରନ୍ତ ଫଇସଲା ପାଇଁ ନିର୍ଦ୍ଦେଶ


ଜିଲାସ୍ତରୀୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି ।

ରାୟଗଡ଼ା,୬।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ପ୍ରଶାସନ ତରଫରୁ ସ୍ଥାନୀୟ ଜିଲା ପରିଷଦ ସଦ୍‌ଭାବନା ସଭାଗୃହଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଗୋସେନ ବାର୍ଲା, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି. ସରୋଜିନୀ ଦେବୀ, ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଶିବିରରେ ମୋଟ ୬୮ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୧୫ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ରହିଥିଲା । ଅତିରିକ୍ତ ଜିଲାପାଳ ଅଭିଯୋଗଗୁଡ଼ିକୁ ପାଇଲା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

# ପ୍ରସ୍ତାବିତ ବାଲ୍ୟବିବାହକୁ ରୋକିଲା ଜିଲା ପ୍ରଶାସନ

ଗୁଣପୁର, ୬।୪
(ସୁଜାତା ପାଢ଼ୀ/ସଂକେତ ପାତ୍ର)

ରାୟଗଡା ଜିଲା ଗୁଣପୁର ବ୍ଲକ ଅନ୍ତର୍ଗତ ଶିରିଝୋଲି ଗ୍ରାମରେ ହେବାକୁ ଥିବା ଏକ ବାଲ୍ୟବିବାହକୁ ପ୍ରଶାସନ ରୋକିବାରେ ସଫଳ ହୋଇଛି। ଏହାସହିତ ନାବାଳିକାଙ୍କ ପରିବାରକୁ ସଚେତନ କରାଯାଇଛି। ସୂଚନାରୁ ଜଣାଯାଏ, ଏପ୍ରିଲ ୨୯ ତାରିଖରେ ଶିରିଝୋଲି ଗ୍ରାମର ଜଣେ ନାବାଳିକାଙ୍କ ବିବାହ ତୁର୍କାନୀଗୁଡା ଗ୍ରାମର ଗଙ୍ଗା ଗଉଡଙ୍କ ସହ ନିର୍ଦ୍ଧାରିତ ହୋଇଥିଲା। ବିଶେଷସୂତ୍ରରୁ ଏ ସମ୍ବନ୍ଧରେ ଖବରପାଇ ବିଡିଓ ସ୍ୱସ୍ତିକ ଜମାଦାର, ସିଡିପିଓ ସୁଷମା ପ୍ରସାଦ ଓ ପୋଲିସ ଏଏସ୍‌ଆଇ ବିଘ୍ନେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରଶାସନିକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ନାବାଳିକାଙ୍କ ଘରକୁ ଯାଇ ବାଲ୍ୟ ବିବାହର କୁଫଳ ସମ୍ପର୍କରେ ପରିବାରକୁ ବୁଝାଇଥିଲେ । ଆଇନ ଅନୁଯାୟୀ ବିବାହ ପାଇଁ ନିର୍ଦ୍ଧାରିତ ବୟସ ପୂରଣ ହେଲାପରେ ବିବାହ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସାର୍ଟିଫିକେଟ ଅନୁଯାୟୀ ଝିଅଙ୍କ ଜନ୍ମ ତାରିଖ ୮ ନଭେମ୍ବର ୨୦୧୦ ଥିବାରୁ ସେ ନାବାଳିକା ବୋଲି ଜଣାପଡିଥିଲା । ଯେଉଁଠାରେ ପୁଅଙ୍କ ବୟସ ୨୭ ବର୍ଷ ଥିବା ଜଣାପଡିଛି। ପରିବାର ପକ୍ଷରୁ ଋଣ କରି ବିବାହ କରିବାକୁ ପ୍ରସ୍ତୁତି ହେଉଥିବା ବେଳେ ପ୍ରଶାସନଙ୍କ ବୁଝାଶୁଝା ପରେ ସେମାନେ ବିବାହ ବାତିଲ କରିବାକୁ ସମ୍ମତ ହୋଇଥିବା ଜଣାପଡ଼ିଛି। ପରେ ପରିବାର କର୍ତ୍ତୃପକ୍ଷ ପକ୍ଷରୁ ବିବାହ ନ କରିବା ପାଇଁ ପ୍ରଶାସନକୁ ଲିଖିତ ଆଶ୍ୱାସନପତ୍ର ଦିଆଯାଇଛି।


ପ୍ରଶାସନିକ ଅଧିକାରୀ ପରିବାର ଲୋକଙ୍କୁ ବୁଝାଉଛନ୍ତି ।

# କୂଅରେ ପଡ଼ି ଶିକ୍ଷକଙ୍କ ମୃତ୍ୟୁ

ଗୁଣପୁର,୬।୪( ସୁଜାତା ପାଢ଼ୀ/ ସଂକେତ ପାତ୍ର)

ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦ ଅନ୍ତର୍ଗତ ଶିବଶକ୍ତି ନଗର ଅଞ୍ଚଳରେ କୂଅରେ ପଡ଼ି ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତ ଶିକ୍ଷକ ହେଲେ ଶିବଶକ୍ତି ନଗର ଲେନ୍-୨ର ବାସିନ୍ଦା କୃଷ୍ଣଚନ୍ଦ୍ର ସେନାପତି (୫୩)।

ସୂଚନା ଅନୁଯାୟୀ, ମୃତ ଶିକ୍ଷକ ଜଣକ ଦୀର୍ଘ ମାସ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ । ଏଥିପାଇଁ ସେ ସର୍ବଦା ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ । ସୋମବାର ସକାଳେ ସେ ଘର ନିକଟସ୍ଥ ଏକ କୂଅରେ ପଡ଼ିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରୁଥିବାବେଳେ କୂଅ ପାଖରେ ତାଙ୍କ ଚପଲ ଦେଖି ସନ୍ଦେହ ହୋଇଥିଲା। ଗୁଣପୁର ଅଗ୍ନିଶମ ବିଭାଗକୁ ସୂଚନା ଦିଆଯିବାରୁ ସେମାନେ ଘଟଣାସ୍ଥଳରେ ପହଞ୍ଚି ଅଚେତ ଅବସ୍ଥାରେ ଶିକ୍ଷକଙ୍କୁ କୂଅରୁ ଉଦ୍ଧାରକରି ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗୁଣପୁର ପୋଲିସ ମଅତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ନମ୍ବର ୩/୨୬ ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଗୁଣପୁର ଆଦର୍ଶ ଥାନା ଆଇଆଇସି କମଲକାନ୍ତ କହଁର କହିଛନ୍ତି । ଦୁର୍ଘଟଣା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ, ମାନସିକ ଚାପରେ ସେ ଏହି ପଦକ୍ଷେପ ନେଇଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି । ମୃତକ ଗୁଡ଼ାରି ବ୍ଲକର ଡିମିରିଗୁଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ।


କୃଷ୍ଣଚନ୍ଦ୍ର ସେନାପତି ।

# ଓଡ଼ିଆ ପକ୍ଷ ଅବସରରେ ସ୍ୱଚ୍ଛତା ଅଭିଯାନ

ରାୟଗଡ଼ା,୬।୪(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ରାୟଗଡ଼ା ପୌର ପରିଷଦ ପକ୍ଷରୁ ସ୍ଥାନୀୟ ପ୍ରେମ ପାହାଡ଼ ପର୍ଯ୍ୟଟନସ୍ଥଳୀରେ ଏକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି। ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ ଏବଂ ନିର୍ବାହୀ ଅଧିକାରୀ କୁଲଦୀପ କୁମାର ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା କାର୍ଯ୍ୟର ନେତୃତ୍ୱ ନେବା ସହ ସହରବାସୀଙ୍କୁ ପରିବେଶ ସୁରକ୍ଷା ଓ ଓଡ଼ିଆ ଅସ୍ମିତାର ବାର୍ତ୍ତା ଦେଇଥିଲେ। ଏହି ଅଭିଯାନରେ ସମସ୍ତ ୱାର୍ଡ କାଉନସିଲର, ଜିଲାସ୍ତରୀୟ ଅଧିକାରୀ, ପୌର କର୍ମଚାରୀ, ସ୍ୱଚ୍ଛ ସାଥୀ, ସୁପରଭାଇଜର ଏବଂ ସଫେଇ କର୍ମଚାରୀ ଯୋଗ ଦେଇଥିଲେ। ସହରର ବରିଷ୍ଠ ନାଗରିକ, ୱାକର୍ସ କ୍ଲବର ସଦସ୍ୟ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଏଥିରେ ସାମିଲ ହୋଇଥିଲେ।



# ଭେଣ୍ଡିଂଜୋନ୍‌ରେ ସାପ୍ତାହିକ ହାଟ ସ୍ଥାପନ ପାଇଁ ଦାବିପତ୍ର


ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଗୁଡାରି ପ୍ରେସ୍ କ୍ଲବ୍ ପକ୍ଷରୁ ଦାବିପତ୍ର ଦିଆଯାଉଛି ।

ଗୁଡାରି,୬।୪ (ପ୍ରମୋଦ କୁମାର ପତି )

ଗୁଡାରି ଏନ୍‌ଏସି ପକ୍ଷରୁ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସହର ନିକଟରେ ଏକ ଭେଣ୍ଡିଂ ଜୋନ ନିର୍ମାଣ ହେବାର ପ୍ରାୟ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ଉଦ୍‌ଘାଟନ କରାଯାଇନାହିଁ । ଉକ୍ତ ଭେଣ୍ଡିଂଜୋନ ପରିସରରେ ସାପ୍ତାହିକି ହାଟ ସ୍ଥାପନ କରିବା ପାଇଁ ସ୍ଥାନୀୟ ପ୍ରେସ କ୍ଲବ୍ ପକ୍ଷରୁ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ମାସ ଶେଷ ସୁଦ୍ଧା ଏ ଦିଗରେ ପଦକ୍ଷେପ ନେବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଏହା ଏକ ସ୍ୱାଗତଯୋଗ୍ୟ ଦାବି ବୋଲି କହିଛନ୍ତି । ଏଠାରେ ସାପ୍ତାହିକି ହାଟ ସ୍ଥାପନ ହେଲେ ବ୍ୟବସାୟ କ୍ଷେତ୍ରରେ ଗୁଡାରିରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି । ସ୍ଥାନୀୟ ବ୍ୟବସାୟୀ, ବୁଦ୍ଧିଜୀବୀ, ପ୍ରଶାସନ ଏବଂ ସାଧାରଣ ଜନତାଙ୍କ ଉପସ୍ଥିତିରେ ଏକ ବୈଠକ କରାଯାଇ ମତ ନେଲେ ନିଶ୍ଚିତ ଭାବେ ଏଠାରେ ସାପ୍ତାହିକ ହାଟ ସ୍ଥାପନ ହୋଇପାରିବ ବୋଲି ପ୍ରେସ୍ କ୍ଲବ ପକ୍ଷରୁ ସୂଚନା ମିଳିଛି ।

# ୨ ବାଇକ୍ ମୁହାଁମୁହିଁ
## ଜଣେ ମୃତ, ୨ ଆହତ

ଡାବୁଗାଁ, ୬।୪ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ - ବୋରିଗାଁ ମୁଖ୍ୟ ରାସ୍ତା ଉପରେ ବୋରିପଦର ଛକ ନିକଟରେ ରବିବାର ରାତିରେ ୨ ଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମୃତ ଓ ୨ଜଣ ଆହତ ହୋଇଛନ୍ତି । ମୃତକ ହେଲେ ଡଙ୍ଗରିଗୁଡ଼ା ଗ୍ରାମର ଜୟସିଂ ଲହରା (୩୭) ।

# କାଳବୈଶାଖୀରେ ଭାଙ୍ଗିଲା ଘର, ଉଡ଼ିଲା ଛପର


ପୁରଟୁଗୁଡାରେ ଜଣେ ବ୍ୟକ୍ତିଙ୍କ ଘରର ଛାତ ଉଡିଯାଇଛି ।


ଟିକିରିରେ ଜଣେ ବ୍ୟକ୍ତିଙ୍କ ଘର ଛପର ଉଡ଼ିଯାଇଛି ।

ଗୁଡାରି/ଟିକିରି, ୬।୪ (ପ୍ରମୋଦ କୁମାର ପତି/ ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲାର ବିଭିନ୍ନ ସ୍ଥାନରେ ସୋମବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ବୋହିବା ସହ କୁଆପଥର ବର୍ଷା ହୋଇଥିଲା । ଗୁଡାରି ବ୍ଲକର ବିଭିନ୍ନ ସ୍ଥାନରେ ପ୍ରବଳ ବେଗରେ ପବନ ବୋହିବା ଯୋଗୁ ବ୍ଲକର ମଧୁବନ ଗ୍ରାମପଞ୍ଚାୟତର ପୁରଟୁଗୁଡାରେ ସଞ୍ଜୀବ ନାରେଙ୍ଗକାଙ୍କ ଘରର ଟିଣ ଛାତ ସମ୍ପୂର୍ଣ୍ଣ ଉଡିଯାଇଛି ଏବଂ ବର୍ଷା ପାଣିରେ ଘରର ଆସବାପତ୍ର ପାଣିରେ ଭିଜିଯାଇଛି । ସେହିପରି ଖାରିଗୁଡ଼ା ଗ୍ରାମପଞ୍ଚାୟତର କନ୍ଧ ପେଣ୍ଡିଲି ଗ୍ରାମର କେଲୁ ହିକାବାଡ଼ିଙ୍କ ଘର ସମେତ ୨ଟି ଘରର ଛାତ ଉଡିଯାଇଛି । ଏ ସମ୍ପର୍କରେ ତହସିଲଦାର ଏ. ସ୍ନେହଲତା କହିଛନ୍ତି, ମଙ୍ଗଳବାର ରାଜସ୍ୱ ଟିମ ଉଭୟ ଗ୍ରାମକୁ ଯାଇ ସ୍ଥିତି ସମୀକ୍ଷା କରିବା ସହ ପଲିଥିନ ପ୍ରଦାନ କରାଯିବ । ବିଡ଼ିଓ ସୁଚିସ୍ମିତା ବେହେରାଙ୍କ କହିବାନୁଯାୟୀ କ୍ଷତିଗ୍ରସ୍ତ ପରିବାର ଯଦି ଆବାସ ଯୋଜନାରେ ସାମିଲ ହୋଇ ନ ଥିବେ ତେବେ ସେମାନଙ୍କୁ ଅନ୍ତୋଦୟ ଯୋଜନାରେ ସାମିଲ କରାଯିବ ।

ସେହିପରି କାଳବୈଶାଖୀ ପ୍ରଭାବରେ କାଶୀପୁର ବ୍ଲକ ମାଇକଞ୍ଚ ପଞ୍ଚାୟତରେ କୁଆପଥର ବର୍ଷା ସହିତ ପ୍ରବଳ ପବନ ହୋଇଥିଲା । ଅଣ୍ଡିରାକଞ୍ଚ, ନୂଆଗାଁ, ମାଇକଞ୍ଚ, ପଡବନ୍ଦ ଓ କଞ୍ଚଗୁମା ଗ୍ରାମରେ ଶତାଧିକ ପରିବାରର ଟିଣ ଛପର ଉଡିଯାଇଥିବା ଦେଖିବାକୁ ମିଳିଛି । ଘରର ଛପର ଉଡିଯିବାରୁ ବର୍ଷାରେ ଆସବାପତ୍ର ଭିଜି ନଷ୍ଟ ହୋଇଯାଇଛି । ଜୋର ପବନ ଯୋଗୁ ଅଣ୍ଡିରାକଞ୍ଚ ଗ୍ରାମର ଜେମସ ନାଏକଙ୍କ ସମେତ ୨୦ଟି ଘରର ଟିଣ ଛପର ସମ୍ପୂର୍ଣ୍ଣ ଭାବେ ଉଡିଯାଇଛି । ଅନ୍ୟପଟେ ନୂଆଗାଁ ଗ୍ରାମର ପ୍ରାୟ ୩୨ ଜଣଙ୍କ ଘର ଆଜବେଷ୍ଟେସ୍ ଖଣ୍ଡ ଖଣ୍ଡ ହୋଇ ପଡିଥିଲା । କୁଆପଥର ବର୍ଷା ସହ ପବନ ବହୁଥିବାରୁ କ୍ଷତିଗ୍ରସ୍ତ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଥିଲେ । ରାତି ୮ଟାରେ କାଳବୈଶାଖୀର ପ୍ରଭାବ କମିବା ପରେ କ୍ଷତିଗ୍ରସ୍ତ ପରିବାର ନିଜ ଘରକୁ ଫେରି ଦେଖିବା ବେଳକୁ ଘର ମଧ୍ୟରେ ଥିବା ଖାଦ୍ୟଶସ୍ୟ ସହ ବହୁ ମୂଲ୍ୟବାନ ଆସବପତ୍ର ସବୁ ବର୍ଷାରେ ଓଦା ହୋଇ ନଷ୍ଟ ହୋଇଯାଇଛି । ମାଇକଞ୍ଚ ସରପଞ୍ଚ ମସ୍ତରାମ ମାଝୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପରେ ମାଇକଞ୍ଚ ସରକୋଲ ଆରଆଇ ଶୋଭନ ପଟ୍ଟନାୟକ ଆସି ପ୍ରତ୍ୟେକ କ୍ଷୟକ୍ଷତି ପରିବାରଙ୍କୁ ଭେଟିଥିଲେ । କିପରି କ୍ଷତିଗ୍ରସ୍ତ ପରିବାରକୁ ସରକାରଙ୍କ ତରଫରୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ ସେ ନେଇ ଚେଷ୍ଟା କରିବେ ବୋଲି କହିଛନ୍ତି ।

# ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ

## ଭାରସିଂ ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

ଗୁଣପୁର,୬।୪(ସଂକେତ ପାତ୍ର)

ରାୟଗଡା ଜିଲା ଗୁଣପୁର ବ୍ଲକ ଅନ୍ତର୍ଗତ ଭାରସିଂ ଗ୍ରାମରେ ଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଓଡ଼ିଶା ଦିବସରେ ୫୬୦ ଅନ୍ତେବାସୀଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇ ନ ଥିବା ସହ ଚଳିତ ଶିକ୍ଷା ବର୍ଷରେ ୫୧ ଜଣ ଛାତ୍ରୀଛାତ୍ରଙ୍କୁ ଟିସି ପ୍ରଦାନ କରାଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏହାସହିତ ପୁଟାସିଂ ଲାଞ୍ଜିଆ ସୌରା ଜନଜାତି ଅଞ୍ଚଳର ଅଭିଭାବକ ଓ ଲୋକ ପ୍ରତିନିଧି ସୋମବାର ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପଙ୍କୁ ଭେଟି ୧୧ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ପ୍ରଧାନ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟକଳାପ, ବଳପୂର୍ବକ ଟିସି ପ୍ରଦାନ, ଓଡ଼ିଶା ଦିବସରେ ମଧ୍ୟାହ୍ନ ଭୋଜନ ବନ୍ଦ, ଛାତ୍ରଛାତ୍ରୀଙ୍କୁ ଅମାନବିକ ବ୍ୟବହାର, ନିମ୍ନମାନର ପୋଷାକ ଓ ଖାଦ୍ୟ ବଣ୍ଟନରେ ଅନିୟମିତତା ଭଳି ଅଭିଯୋଗ ଉଲ୍ଲେଖ ହୋଇଛି । ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ଏସିଓ ଶବର, ଯୁଗଳ ଶବର, ଦାମୋଦର ଶବର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଇସମାଇଲ ଶବର ପ୍ରମୁଖ ଉପସ୍ଥିତ ଥିଲେ । ଘଟଣାର ତଦନ୍ତ ପ୍ରକ୍ରିୟା ଚାଲିଛି ଓ ଶୀଘ୍ର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ କହିଛନ୍ତି । ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କ ନିର୍ଦ୍ଦେଶରେ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରି ରିପୋର୍ଟ ଦାଖଲ କରିଛନ୍ତି ।


ଅଭିଭାବକ ଏବଂ ଜନପ୍ରତିନିଧି ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି ।

# ଦାବି ପୂରଣ ନ ହେବା ଯାଏ, ନଦୀବନ୍ଧ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରାଯାଉ

- ୫ଦଫା ଦାବି ନେଇ ୯ ଗ୍ରାମର ଲୋକେ ଜିଲାପାଳଙ୍କ ଦ୍ୱାରସ୍ଥ
- ପ୍ରକଳ୍ପ ମାଧ୍ୟମରେ ଚାଷୀ ଲାଭବାନ୍ ହେବେ: ଜିଲାପାଳ

**ନବରଙ୍ଗପୁର,୬।୪(ସଦାଶିବ ପ୍ରହରାଜ)**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଗ୍ରାମବାସୀ ।

ରାଜ୍ୟ ସରକାରଙ୍କ ତୁରି-ଗୁନଟାଟ-ଆନିକଟ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ ପୂର୍ବରୁ ଗ୍ରାମସଭା ନିଷ୍ପତ୍ତି ଓ ଜଙ୍ଗଲ ଅଧିକାର ଆଇନର ଉଲଂଘନ କରାଯାଇଥିବା ତୁରି-ଗୁନଟାଟ-ଆନିକଟ ନଦୀବନ୍ଧ ଯୋଜନା ପ୍ରଭାବିତ ପରିବାର ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଜିଲା ପରିଷଦ ବୈଠକ ଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବାବେଳେ ସୋମବାର ୩ଟି ପଞ୍ଚାୟତର ୯ ଗାଁର ଶତାଧିକ ମହିଳା ଓ ପୁରୁଷ ଚାଷୀ ଜିଲାପାଳଙ୍କୁ ଭେଟି ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ୫ ଦଫା ଦାବିକୁ ଯଥାଶୀଘ୍ର ପାଳନ ଓ ପୂରଣ ନ କରିବା ଯାଏଁ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖିବାକୁ ସେମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ନବରଙ୍ଗପୁର ଏବଂ ପାପଡ଼ାହାଣ୍ଡି ବ୍ଲକ ମଧ୍ୟରେ ସଂଯୋଗ ପାଇଁ ତୁରି-ଗୁନଟାଟ-ଆନିକଟ ନଦୀ ବନ୍ଧ ନିର୍ମାଣ ଚାଲିଛି । ଉକ୍ତ ପ୍ରକଳ୍ପ ଦ୍ୱାରା କାହାର ଚାଷ ଜମି କି ଅନ୍ୟ କୌଣସି ଜମି କ୍ଷତିଗ୍ରସ୍ତ ହେବ ନାହିଁ, କେବଳ ନଦୀ ମଧ୍ୟରେ ଚେକ ଡ୍ୟାମ ବା ବନ୍ଧ ନିର୍ମାଣ ହେବ ବୋଲି ନଦୀବନ୍ଧ ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ଆରମ୍ଭ ସମୟରେ ନେତା, ଠିକାଦାର ଓ ସରକାରୀ ଅଧିକାରୀମାନେ କହିଥିଲେ। ଉକ୍ତ ନଦୀରୁ ପାଇପ ଓ ମୋଟର ଯୋଗେ ଜଳ ସଂଗ୍ରହ କରାଯାଇ ସମସ୍ତ ଚାଷଜମିକୁ ଜଳସେଚନ ନିମନ୍ତେ ବ୍ୟବସ୍ଥା କରାଯିବ। କିନ୍ତୁ ପ୍ରକଳ୍ପ ଯୋଜନା ଦ୍ୱାରା ନବରଙ୍ଗପୁର ବ୍ଲକ ଅନ୍ତର୍ଗତ ଚଟାହାଣ୍ଡି ପଞ୍ଚାୟତ, ବିକ୍ରମପୁର ପଞ୍ଚାୟତ ସହ ପାପଡ଼ାହାଣ୍ଡି ବ୍ଲକର ଡେଙ୍ଗାଗୁଡା ପଞ୍ଚାୟତ ଓ ଶିରସି ପଞ୍ଚାୟତର ଗରିବ ଆଦିବାସୀ ଓ ଚାଷୀଙ୍କ ଶତାଧିକ ଏକର ଚାଷ ଜମି, ଜଙ୍ଗଲ ଜମି ଓ ଗାଁର ଗୋଷ୍ଠୀଗତ ବ୍ୟବହାର ଜମି ଓ ଗ୍ରାମ୍ୟ ଦେବାଦେବୀ ମନ୍ଦିର ସବୁ କିଛି କ୍ଷତି ହେଉଛି। ଯାହାକୁ ନେଇ ଗରିବ ଆଦିବାସୀ ଓ କୃଷକ ବହୁତ ଚିନ୍ତାରେ ରହିଛନ୍ତି । ଯେପର୍ଯ୍ୟନ୍ତ ଦାବି ପୂରଣ ହେବ ନାହିଁ ସେ ପର୍ଯ୍ୟନ୍ତ ତୁରି-ଗୁନଟାଟ-ଆନିକଟ ନଦୀ ବନ୍ଧ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ୯ ଗ୍ରାମର ଲୋକେ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି ।

ସେହିପରି ନଦୀବନ୍ଧ ପ୍ରକଳ୍ପ ଯୋଜନାରେ ଜମି ହରାଉଥିବା ଗ୍ରାମବାସୀଙ୍କ ଲାଭ ଓ କ୍ଷତି ବିଷୟରେ ଓ ସହାୟତା ବିଷୟରେ ତୁରନ୍ତ ସ୍ୱତନ୍ତ୍ର ଗ୍ରାମସଭା କରାଯାଉ। ଗ୍ରାମସଭା ଅନୁମତି ବିନା ମାଟି ଖୋଳିବା କିମ୍ବା କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ କରା ନ ଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିଭଳି କେତେ ବ୍ୟକ୍ତିଗତ ପଟ୍ଟା ଚାଷ ଜମି, ଗୋଷ୍ଠୀଗତ ବ୍ୟବହାର ଜମି, କେତେ ଜଙ୍ଗଲ ଜମି ଓ କେତେ ଦେବଦେବୀ ମନ୍ଦିର ଓ ଜମି କ୍ଷତିଗ୍ରସ୍ତ ହେବ ସେ ବିଷୟରେ ସମସ୍ତ ତାଲିକା ଗ୍ରାମସଭାରେ ଉପସ୍ଥାପନ କରାଯାଉ। ନଦୀବନ୍ଧ ଯୋଜନା ନିର୍ମାଣ ସମୟରେ ପଞ୍ଚମ ଅନୁସୂଚିତ ନବରଙ୍ଗପୁର ଜିଲା ମଧ୍ୟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରାଯାଉ ବୋଲି ଦାବି ରଖିଛନ୍ତି । କଂଗ୍ରେସର ବରିଷ୍ଠ ନେତା ମୁନା ତ୍ରିପାଠୀ, ରାଜେଶ ଜାନି, ରଜନୀକାନ୍ତ ସାସମଲ, ବଳରାମ ସ୍ୱାଇଁ, ରଜନୀ ଭତରା, ଭାସ୍କର ନାୟକ, ଲେମଧର ଭତରା, କେଶବ ମାଝୀଙ୍କ ସମେତ ଶତାଧିକ ଲୋକ ଆସି ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଏ ନେଇ ଜିଲାପାଳ ସ୍ୱାଇଁ କହିଛନ୍ତି, ନବରଙ୍ଗପୁର ଜିଲା ଏକ ଜଳକ୍ଲିଷ୍ଟ ଅଞ୍ଚଳ ହୋଇଥିବାବେଳେ ଜିଲାରେ ଆଦୌ ଜଳସେଚନ ପ୍ରକଳ୍ପ ନାହିଁ। ତେଣୁ ଦୁଇଟି ନଦୀକୁ ବ୍ୟବହାରକରି ପ୍ରକଳ୍ପ କାର୍ଯ୍ୟ ଚାଲିଛି । ଏହାଦ୍ୱାରା ଚାଷୀମାନେ ବହୁତ ପରିମାଣରେ ଲାଭବାନ ହେବେ। ତେବେ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ହେବ। ପଲ୍ଲିସଭା ହୋଇଥିଲେ ମଧ୍ୟ ଲୋକେ ଜାଣିପାରୁନାହାନ୍ତି । ପୁନର୍ବାର ଗ୍ରାମସଭା କରାଯାଇ ଲୋକଙ୍କୁ ବୁଝାଯିବ, କୌଣସି କଥା ଅଛପା ରହିବନାହିଁ । ଯେଉଁମାନେ ଜମି ହରାଉଛନ୍ତି ସେମାନଙ୍କୁ ପର୍ଯ୍ୟାପ୍ତ ପରିମାଣର କ୍ଷତିପୂରଣ ଦିଆଯିବା ବ୍ୟବସ୍ଥା ରହିଛି । ସେଥିରେ ସେମାନେ ସନ୍ତୁଷ୍ଟ ନ ହେଲେ କୋର୍ଟରେ ଅପିଲ କରିପାରିବେ। ଯେପର୍ଯ୍ୟନ୍ତ ଚାଷୀ ଜମି କ୍ଷତିପୂରଣ ପାଇଁ ସନ୍ତୁଷ୍ଟ ନୁହନ୍ତି ତାଙ୍କ ଜମି ନିଆଯାଇ ପାରିବନାହିଁ । ତେବେ ପାଇପ ମାଧ୍ୟମରେ ଜଳସେଚନ ବ୍ୟବସ୍ଥା ରହିବ ବୋଲି ଜିଲାପାଳ କହିଥିଲେ ।

## ୩୭ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ, ଏଏସ୍‌ପି ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

**ନବରଙ୍ଗପୁର,୬।୪(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶୁଣାଣି ଶିବିରରେ ମୋଟ ୩୭ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଅଭିଯୋଗ ରହିଥିଲା। ଗୋଟିଏ ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା।

## ଏଡିଇଓଙ୍କୁ ଠିକାଦାରଙ୍କ ମାଡ଼ ଅଭିଯୋଗ


ଥାନାକୁ ଅଭିଯୋଗ କରିବାକୁ ଆସିଥିବା ବ୍ଲକ କର୍ମଚାରୀ ।

**ନନ୍ଦାହାଣ୍ଡି, ୬।୪ (ପ୍ରତିପ କୁମାର ଦାସ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଖାଡ଼ବନ୍ଧଗୁଡା ପଞ୍ଚାୟତରେ କାର୍ଯ୍ୟରତ ଏଡିଇଓ କୃପାସିନ୍ଧୁ ହିଆଲଙ୍କୁ ସେହି ପଞ୍ଚାୟତ ଅନ୍ତର୍ଗତ କର୍କଟିପିଲ ଗ୍ରାମର ତ୍ରିନାଥ ସାନ୍ତା ମାଡ଼ ମାରିଥିବା ନେଇ ଡ଼ଙ୍ଗରଭେଜା ଫାଣ୍ଡିରେ ଅଭିଯୋଗ ହୋଇଛି । ପୋଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଫାଣ୍ଡି ଅଧିକାରୀ ଗୁଣନିଧି ବାଘ ସୂଚନା ଦେଇଛନ୍ତି ।

ସୂଚନା ପ୍ରକାରେ ଖାଡ଼ବନ୍ଧଗୁଡା ପଞ୍ଚାୟତରେ କୌଣସି ଏକ କାର୍ଯ୍ୟକୁ ନେଇ ଏଡିଇଓ କୃପାସିନ୍ଧୁ ହିଆଲ ବ୍ଲକ କାର୍ଯ୍ୟାଳୟରେ କାମ କରୁଥିବା ସମୟରେ ତ୍ରିନାଥ ସାନ୍ତା ସେଠାକୁ ଆସି

### ଥାନାରେ ଏତଲା ଦେଲେ ଏଡିଇଓ ସଂଘ

ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ଓ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଜୀବନ ପ୍ରତି ବିପଦ ଥିବାରୁ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି କୃପାସିନ୍ଧୁ । ଏତଲା ଦେବା ସମୟରେ ବ୍ଲକ୍‌ର ସମସ୍ତ ଏଡିଇଓ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରତ କର୍ମଚାରୀଙ୍କୁ ମାଡ଼ ମାରିଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ କହିଛନ୍ତି।

**ସଂକ୍ଷେପରେ**

## ୨ ବାଇକ୍ ମୁହାଁମୁହିଁ ଜଣେ ମୃତ, ୨ ଆହତ

**ଡାବୁଗାଁ, ୬।୪ (ପ୍ରଜ୍ଞାରଞ୍ଜନ ପରିଡା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ – ବୋରିଗାଁ ମୁଖ୍ୟ ରାସ୍ତା ଉପରେ ବୋରିପଦର ଛକ ନିକଟରେ ରବିବାର ରାତିରେ ୨ ଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମୃତ ଓ ୨ଜଣ ଆହତ ହୋଇଛନ୍ତି । ମୃତକ ହେଲେ ଡଙ୍ଗରିଗୁଡ଼ା ଗ୍ରାମର ଜୟସିଂ ଲହରା (୩୭) । ଜୟସିଂ ବାଇକ୍ ଯୋଗେ ଫେରୁଥିବା ସମୟରେ ସେହି ଦିଗରୁ ଘୋଡ଼ାଖୁଣ୍ଟା ଗ୍ରାମର ବିଶାଳ ସାହୁ (୧୭) ଓ ଡାବୁଗାଁ ବ୍ଲକ ଡଙ୍ଗରିଗୁଡ଼ା ପଞ୍ଚାୟତର ଜୟନ୍ତୀନଗର ସାହିର ଜିତ୍ ସୁନ୍ଦର (୧୭) ଅନ୍ୟ ଏକ ବାଇକ୍‌ରେ ଆସି ତାଙ୍କୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ଉଭୟ ରାସ୍ତା କଡକୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଜୟସିଂଙ୍କ ମୃତ୍ୟୁ ଘଟିଥିବା ବେଳେ ବିଶାଳ ଓ ଜିତ୍ ଆହତ ହୋଇଥିଲେ। ଡାବୁଗାଁ ଅଗ୍ନିଶମ କେନ୍ଦ୍ର ବାହିନୀ ସମସ୍ତଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ବିଶାଳଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏ ନେଇ ଥାନାରେ କେସ ନଂ ୭୦/୨୬ରେ ଏକ ମାମଲା ରୁଜୁ କରାଯାଇଛି।

## ପାପଡ଼ାହାଣ୍ଡିରେ ଗଣଦୌଡ଼

**ପାପଡାହାଣ୍ଡି, ୬।୪ (ସ୍ୱପ୍ନଜିତ ପଟ୍ଟନାୟକ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ପାପଡାହାଣ୍ଡିଠାରେ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖରେ ଗାଁ ବାସିନ୍ଦା, ସରକାରୀ ଅଧିକାରୀ ଓ କର୍ମଚାରୀ, ଛାତ୍ରୀଛାତ୍ର ଏକାଠି ହୋଇଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ସବୁଜ ପତକା ଦେଖାଇବା ପରେ ଗଣଦୌଡ଼ ଆରମ୍ଭ ହୋଇ ଶହୀଦ ମିନାର ନିକଟରେ ଶେଷ ହୋଇଥିଲା । ପରେ ସ୍ୱଚ୍ଛତା ନେଇ ଗ୍ରାମରେ ସଚେତନ କରାଯାଇଥିଲା। ସମସ୍ତ ଦୋକାନ ସମ୍ମୁଖରେ ଡଷ୍ଟବିନ ରଖିବାକୁ ଅନୁରୋଧ କରାଯଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ଚନ୍ଦ୍ରଶେଖର ମାଝୀ, ବିଡ଼ିଓ କପିଳଦେବ ସାହୁ, ତହସିଲଦାର ତପନ କୁମାର ନାୟକ, ଥାନ ଅଧିକାରୀ ଉମେଶ ଚନ୍ଦ୍ର ନାୟକ, ସବଇନ୍ସପେକ୍ଟର ଉମାକାନ୍ତ ଶବର, ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସ୍ୱଚ୍ଛ ଓଡ଼ିଶା ଦିବସ ପାଳନ

**ଉମରକୋଟ,୬।୪ (ସନ୍ତୋଷ ସତପଥୀ)**

ସ୍ୱଚ୍ଛ ଓଡ଼ିଶା ଦିବସ ପାଳନ ଅବସରରେ ଉମରକୋଟ ପୌର ପରିଷଦ ପକ୍ଷରୁ ପେଣ୍ଠରାଣୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏହି ଅବସରରେ ପୌରାଧକ୍ଷା ରାଧା ଭତ୍ରା,ଏମ୍‌ପି ପ୍ରତିନିଧି ରାମ ନାୟକ, ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଓ ପୌର ପରିଷଦ କର୍ମଚାରୀ, ସଫେଇ କର୍ମଚାରୀ ଉପସ୍ଥିତ ଥିଲେ।

## ବାର୍ ଆସୋସିଏଶନ, କ୍ୟାଣ୍ଟିନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ

**ଝରିଗାଁ,୬।୪(କିଶୋର ଚନ୍ଦ୍ର ମଣ୍ଡଳ)**


ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ଜିଲା ମୁଖ୍ୟ ବିଚାରପତି।

ନବରଙ୍ଗପୁର ଜିଲା ଝରିଗାଁସ୍ଥିତ ନୂତନ କୋର୍ଟ ପରିସରରେ ଆଭାସି ମାଧ୍ୟମରେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ଦ୍ୱାରା ବାର୍ ଆସୋସିଏଶନ ଏବଂ କ୍ୟାଣ୍ଟିନ ଗୃହ ନିର୍ମାଣ ସକାଶେ ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ଓଡ଼ିଶା ହାଇକୋର୍ଟ ଏବଂ ନବରଙ୍ଗପୁର ପ୍ରଶାସନିକ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ, ରେଜିଷ୍ଟ୍ରାର ଶାଶ୍ୱତୀ ମିଶ୍ର, ଝରିଗାଁ ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ ସ୍ମିତା ଲାକ୍ରା ଉପସ୍ଥିତ ରହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସ୍ଥାନୀୟ ବିଡିଓ ମଧୁସୂଦନ ମାଝୀ, ତହସିଲଦାର ସୁମନ୍ତ ପାତ୍ର, ଉମରକୋଟ ବାର୍ ଆସୋସିଏଶନ ସଭାପତି ଅରୁଣ ପଟ୍ଟନାୟକ, ସମ୍ପାଦକ କୃଷ୍ଣଚନ୍ଦ୍ର ନନ୍ଦ, ସରକାରୀ ଓକିଲ ସୁବାସ ପଟ୍ଟନାୟକ, ଏପିପି ପ୍ରଦୀପ ପଟ୍ଟନାୟକ, ଚନ୍ଦ୍ରଭାନୁ ନାୟକ, ଶଙ୍କର ଦେ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଝରିଗାଁ ଜେଏମ୍‌ଏଫ୍‌ସି ବରିଷ୍ଠ କିରାଣି ସୁଚିସ୍ମିତା ତ୍ରିପାଠୀ, ଅଶୋକ କୁମାର ସେଠୀ, ସରୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦାଦନ ଖଟିବାକୁ ଯିବା ସମୟରେ ଯୁବକ ନିଖୋଜ

**ତେନ୍ତୁଳିଖୁଣ୍ଟି,୬।୪ (ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜା ଦେଓପାଲି ଗ୍ରାମର ଜଣେ ଯୁବକ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଉଥିବାବେଳେ ନିଖୋଜ ହୋଇଯାଇଥିବା ତାଙ୍କ ପରିବାର ଲୋକେ ସୋମବାର ଖାତିଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ନିଖୋଜ ହୋଇଥିବା ଯୁବକ ହେଲେ ସୁନାଧର ଜାନୀ (୪୨)। ଲମତାଗୁଡ଼ା ପଞ୍ଚାୟତ ଖୁଣ୍ଟିଆଗୁଡ଼ା ଗ୍ରାମର ଜଣେ ଶ୍ରମିକ ଦଲାଲ ତିଲ ହରିଜନଙ୍କ ସହ ସେ ମାର୍ଚ୍ଚ ୧୩ରେ ଇନ୍ଦ୍ରାବତୀରୁ ବାହାରି ଗୋଟିଏ ଦିନ ବ୍ରହ୍ମପୁରରେ ରହିଥିଲେ। ୧୫ରେ ଦଲାଲଙ୍କ ସହ ସୁନାଧର ଓ ଅନ୍ୟ୨ ଶ୍ରମିକ ସମ୍ବାରୁ ଜାନୀ, ତ୍ରିନାଥ ନାୟକ ଗଞ୍ଜାମ ଜିଲା ଖଲ୍ଲିକୋଟ ଷ୍ଟେଶନରୁ ସିକନ୍ଦରାବାଦ ଯାଉଥିବା ବିଶାଖା ଏକ୍ସପ୍ରେସ୍‌ରେ ଚଢ଼ିଥିଲେ। କିନ୍ତୁ ରାତି ପ୍ରାୟ ୧ ପରଠାରୁ ତାଙ୍କ ଖୋଜ ଖବର ମିଳୁନାହିଁ। ସମ୍ବାରୁ ଓ ତ୍ରିନାଥ ହାଇଦ୍ରାବାଦରେ କିଛିଦିନ କାମ କରିବା ପରେ ଲୁଚି କି ପୁଣି ଘରକୁ ଆସିଛନ୍ତି। ସେମାନଙ୍କଠାରୁ ସୁନାଧରଙ୍କ ସ୍ତ୍ରୀ ଶୁଣି ଦଲାଲଙ୍କୁ ପଚାରିଥିଲେ। ଦଲାଲ ତାଙ୍କୁ ଧମକ ଦେଉଥିବାରୁ ସେ ଥାନାରେ ନିଖୋଜ ଖବର ଦେଇ ନ ଥିଲେ ବୋଲି କହିଛନ୍ତି। ବିଡିଓ ମନୋଜ ପାଣିଗ୍ରାହୀ ତାଙ୍କ ପରିବାର ସହ ଆଲୋଚନା କରି ତୁରନ୍ତ ନିଖୋଜ ରିପୋର୍ଟ ଦେଲେ ଅନୁସନ୍ଧାନ କରିହେବ ବୋଲି କହିବା ପରେ ସରପଞ୍ଚ ପ୍ରମିଳା ମୁଦୁଲିଙ୍କ ସହ ସୁନାଧରଙ୍କ ଭାଇ ସମାରୁ ଥାନାରେ ନିଖୋଜ ରିପୋର୍ଟ ଦାଖଲ କରିଛନ୍ତି ।



## ମନ୍ତ୍ରୀଙ୍କ ଉପସ୍ଥିତିରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନେଲେ କାର୍ଯ୍ୟଭାର

**ନବରଙ୍ଗପୁର,୬।୪(ସଦାଶିବ ପ୍ରହରାଜ)**

ସ୍ଥାନୀୟ ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟ ପରିସରରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ବଳଭଦ୍ର ମାଝୀ, ଝରିଗାଁ ବିଧାୟକ ନରସିଂ ଭତରା, ଜିଲାପାଳ ମହେଶ୍ୱର ସ୍ୱାଇଁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବାସନ୍ତୀ ମାଝୀ, ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲା ପରିଷଦ) ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିସରରେ ଏମ୍‌ପିଙ୍କ ପାଇଁ ଅନ୍ୟ ଏକ କାର୍ଯ୍ୟାଳୟ ପ୍ରକୋଷ୍ଠ କାର୍ଯ୍ୟ ଅଳ୍ପ ଦିନରେ ଶେଷ ହେବ।

ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ସଭା ଆୟୋଜିତ ହୋଇଥିଲା। ଜିଲାର ଉତ୍ତୋରତ୍ତର ଉନ୍ନତି ପାଇଁ ସମସ୍ତ ଅଧିକାରୀ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱବାନ ରହି ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ଦିଗ୍‌ଦର୍ଶନରେ କାର୍ଯ୍ୟ କରିବାକୁ ଜିଲାପାଳ ସ୍ୱାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ନିଜସ୍ୱ ବିଭାଗର ଜନହିତକର ପ୍ରକଳ୍ପ ପ୍ରସ୍ତୁତ କରି ଅତିଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ଭିତ୍ତିଭୂମି ଓ ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ସମସ୍ତ ଅଧିକାରୀଙ୍କ ସହଯୋଗ କାମନା କରି ଓଡ଼ିଶାରେ ନବରଙ୍ଗପୁର ଜିଲାକୁ ଏକ ନମ୍ବର ରୂପେ ଗଢିବାକୁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମାଝୀ ଆହ୍ୱାନ କରିଥିଲେ। ବୈଠକରେ ତୁରି-ଗୁନିଥାଟ ନଦୀ ପ୍ରକଳ୍ପ ଜଳସେଚନ, ରେଲୱେ, ବାଇପାସ ରାସ୍ତା, ବ୍ଲକ୍‌ରେ ମିନି ଷ୍ଟାଡିୟମ କାର୍ଯ୍ୟ ଅଗ୍ରଗତି, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ଆନିକଟ ଓ ଆଡ଼ିବନ୍ଧ ଉପରେ ବିଶେଷ ଆଲୋଚନା ହୋଇଥିଲା । ଏ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।


ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

## ଭାଜପାର ୪୭ତମ ପ୍ରତିଷ୍ଠା ଦିବସ

**ଚନ୍ଦାହାଣ୍ଡି/ତେନ୍ତୁଳିଖୁଣ୍ଟି/ ନନ୍ଦାହାଣ୍ଡି, ୬।୪ (ହିମାଂଶୁ ଦାସ/ଚିଦାନନ୍ଦ ସାହୁ/ ପ୍ରତୀପ କୁମାର ଦାଶ)**


ଚନ୍ଦାହାଣ୍ଡିଠାରେ ପ୍ରତିଷ୍ଠା ଦିବସରେ ଭାଜପା କର୍ମକର୍ତ୍ତା ।

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଭାରତୀୟ ଜନତା ପାର୍ଟିର ୪୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ଭୋଦେବ ବାଘ ଓ ମାଲଗାଁ ମଣ୍ଡଳ ସଭାପତି ତରନ ନାୟକଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟଠାରେ ମୁଖ୍ୟ ଅତିଥି ଗୋବିନ୍ଦ ଜୈନ ପାର୍ଟି ପତାକା ଉତ୍ତୋଳନ କରିଥିଲେ। ପରେ ବିଭିନ୍ନ ସ୍ଲୋଗାନ ଦେଇ କର୍ମକର୍ତ୍ତାମାନେ ମୋଟରସାଇକେଲ ରାଲି କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆକାଲୁ ଜାଲି, ସରୋଜ ଅଗସ୍ତି, ଭାରତ ବାଘ, ପ୍ରତାପ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ତେନ୍ତୁଳିଖୁଣ୍ଟି ମଣ୍ଡଳ ତରଫରୁ ଚରାମୂଳା ପାର୍ଟି କାର୍ଯ୍ୟାଳୟଠାରେ ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକଙ୍କ ସଭାପତିତ୍ୱରେ ପ୍ରତିଷ୍ଠା ପାଳନ କରାଯାଇଛି। ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଦଳୀୟ ପତାକା ତଳେ ବନ୍ଦେ ମାତରଂ ଗାନ କରିଥିଲେ।

ନନ୍ଦାହାଣ୍ଡି ବ୍ଲକ ଡଙ୍ଗର ଭେଜା ମଣ୍ଡଳ ତରଫରୁ ଦହଣା ପଞ୍ଚାୟତ ଅନ୍ତର୍ଗତ ପଖନାଗୁଡାଠାରେ ପ୍ରତିଷ୍ଠା ଦିବନ ପାଳିତ ହୋଇଛି । ସମ୍ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡିକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି ଭାବଗ୍ରାହୀ ବେନ୍ୟା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ ଓ ସମ୍ମାନୀତ ଅତିଥି ରୂପେ ଜିଲା ଉପ ସଭାପତି ସନାତନ ତ୍ରିପାଠୀ ଯୋଗ ଦେଇଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ଭଗବାନ ବିଷୋୟୀ ଓ ଲକ୍ଷ୍ମୀଶ୍ୱର ମାଝୀ ମଞ୍ଚ ପରିଚାଳନା କରିଥିଲେ।

## ପଲ୍ଲିସଭା, ଗ୍ରାମସଭା ପ୍ରସ୍ତାବକୁ ଅଣଦେଖା ଅଭିଯୋଗ

**ତେନ୍ତୁଳିଖୁଣ୍ଟି,୬।୪ (ଚିଦାନନ୍ଦ ସାହୁ)**

ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ପଲ୍ଲିସଭା ଓ ଗ୍ରାମସଭା ଦ୍ୱାରା ନିଆଯାଇଥିବା ପ୍ରସ୍ତାବକୁ ଅଣଦେଖା କରାଯାଉଥିବା ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ସରପଞ୍ଚ ଓ ସମିତି ସଭ୍ୟମାନେ ସୋମବାର ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ସାକ୍ଷାତକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ୧୫ଟି ପଞ୍ଚାୟତର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ସରପଞ୍ଚ ଓ ସମିତି ସଭ୍ୟ ବିଡିଓଙ୍କୁ ଭେଟି ଅସନ୍ତୋଷ ବ୍ୟକ୍ତ କରିଥିଲେ। ପୂର୍ବଦିନରେ ସମସ୍ତ ଗ୍ରାମପଞ୍ଚାୟତରେ ପଲ୍ଲିସଭା ଓ ଗ୍ରାମସଭା ମାଧ୍ୟମରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଅନୁମୋଦନ କାର୍ଯ୍ୟକୁ ଅଣଦେଖା କରି ସ୍ୱତନ୍ତ୍ର ପ୍ରସ୍ତାବ ତିଆରିକରି ଜିଲା ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଯାଉଛି। ସରପଞ୍ଚ ଓ ସମିତି ସଭ୍ୟଙ୍କ ଅଜାଣତରେ ସରକାରଙ୍କ ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ସାଧାରଣ ଜନତା ଓ ଗ୍ରାମପଞ୍ଚାୟତ ବିକାଶ ପାଇଁ ଅନୁମୋଦିତ ଅର୍ଥକୁ ଘରୋଇ ସମ୍ପତ୍ତି ଭଳି କାର୍ଯ୍ୟ କରୁଥିବା ନେଇ ମିଳିତ ସଂଘ ଲିଖିତ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଆଗାମୀ ଦିନରେ ପଲ୍ଲିସଭା ଓ ଗ୍ରାମସଭା ବର୍ଜନ କରିବାକୁ ସମନ୍ୱୟ କମିଟି ନିଷ୍ପତ୍ତି ନେଇଥିବା ସଂଘ ପ୍ରକାଶ କରିଛି । ବିଡିଓ ମନୋଜ ପାଣିଗ୍ରାହୀଙ୍କୁ ପଚାରିବାରୁ ୨୦୨୫ -୨୬ ଆର୍ଥିକ ବର୍ଷ ଜିଲାରେ ଅନୁମୋଦିତ ତାଲିକାରେ ତାଙ୍କର କିଛି ଭୂମିକା ନାହିଁ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି। କାମ ମିଳିମିଶି କରିବାକୁ ସେ କହିଛନ୍ତି।


ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି ।

## ଜିଲାର ଯୋଗ୍ୟ ଯୁବକ ସର୍ବାଧିକ ପଞ୍ଜୀକରଣ ପାଇଁ ଆହ୍ୱାନ

### ଅଗ୍ନିପଥ ଯୋଜନାରେ ଜିଲାର ଯୁବବର୍ଗଙ୍କ ଭର୍ତ୍ତି ସମ୍ପର୍କିତ ବୈଠକ

**ନବରଙ୍ଗପୁର,୬।୪(ସଦାଶିବ ପ୍ରହରାଜ)**



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁରର ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅଶୋକ ମେହତା ସମ୍ମିଳନୀ କକ୍ଷରେ ଭାରତୀୟ ସେନାରେ ଅଗ୍ନିବୀର ନିଯୁକ୍ତି ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୋପାଳପୁରର ସେନା ନିଯୁକ୍ତି ଅଧିକାରୀ କର୍ଣ୍ଣେଲ କଲ୍ୟାଣ କୁମାର ରେଡ୍ଡି ଅଗ୍ନିବୀରଙ୍କ ଦରମା ଏବଂ ସୁବିଧା ବିଷୟରେ ଅନ୍‌ଲାଇନରେ ସୂଚନା ଦେଇଥିଲେ। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲାସ୍ତରୀୟ ଅଧିକାରୀ,ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ସହର ଡିଗ୍ରୀ କଲେଜର ଅଧ୍ୟକ୍ଷ, ଜିଲା କଲ୍ୟାଣ ଜିଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଉପସ୍ଥିତ ଥିଲେ। ଅଗ୍ନିବୀର ପଞ୍ଜୀକରଣର ଶେଷ ତାରିଖ ୧୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ଏବଂ ଉପସ୍ଥିତ ସମସ୍ତଙ୍କୁ ଅଗ୍ନିବୀର ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ନବରଙ୍ଗପୁର ଜିଲାର ଯୋଗ୍ୟ ଯୁବକମାନଙ୍କୁ ସର୍ବାଧିକ ପଞ୍ଜୀକରଣ କରିବା ପାଇଁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଯଦି କୌଣସି ପ୍ରାର୍ଥୀ ଆର୍ଥିକ ସଙ୍କଟର ସମ୍ମୁଖୀନ ହୁଅନ୍ତି, ତେବେ ରେଡ୍‌କ୍ରସ୍ ପାଣ୍ଠିରୁ ପଞ୍ଜୀକରଣ ଫି ବାବଦ ୨୫୦ ଟଙ୍କା ବହନ କରାଯିବ ବୋଲି ସୂଚନା ଦିଆଯାଇଥିଲା।

ସୂଚନାଯୋଗ୍ୟ, ସେନାରେ କାମ କରିବା ପାଇଁ ଆଗ୍ରହୀ ଯୁବବର୍ଗ www.joinindianarmy.nic.in ୱେବ୍‌ସାଇଟ୍‌ରେ ଅନ୍‌ଲାଇନ ଆବେଦନ କରିପାରିବେ। ନିୟମିତ କ୍ୟାଡର ପଦବୀ ବ୍ୟତୀତ ଟେକ୍ନିକାଲ ଷ୍ଟ୍ରିମ୍‌ରେ ଅନେକ ପଦବୀରେ ମଧ୍ୟ ଆବେଦନ କରିବାକୁ ଆହ୍ୱାନ କରାଯାଇଛି। ଦେଶମାତୃକାର ସେବା ଓ ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆବେଦନ କରିବାକୁ ଜିଲାପାଳ ଆହ୍ୱାନ କରିଥିଲେ ଏବଂ ସମସ୍ତ ବିଡିଓ ତାଙ୍କ ଅଞ୍ଚଳରେ ଯେଉଁଭଳି ଅଧିକରୁ ଅଧିକ ଯୁବଗୋଷ୍ଠୀ ପଞ୍ଜୀକରଣ କରିବେ ସେଥିପାଇଁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

**କୁମୁଲିପୁଟରେ ଅଭିଯୋଗ ଶୁଣାଣି ଶିବିର**

ଜୟପୁର, ୬।୪ (ପବନ ପାଣିଗ୍ରାହୀ)- ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶକ୍ତି ମହାପାତ୍ର, ସହକାରୀ ନିବାହୀଯନ୍ତ୍ରୀ ବିଜୟ ନନ୍ଦ, ସହକାରୀ ଯନ୍ତ୍ରୀ ରଞ୍ଜିତାରାଣୀ ପଣ୍ଡା, ଜିପିଓ ସୁବାସ ଖିଲ ଓ ଅନ୍ୟ ଅଧିକାରୀମାନେ ଗ୍ରାମବାସୀଙ୍କଠାରୁ ବିଭିନ୍ନ ଅଭିଯୋଗ ଗ୍ରହଣ କରିଥିଲେ। ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେନେଇ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ।

## ସଂକ୍ଷେପରେ

### ଜିଲା ଯୋଜନା କମିଟି ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ବିଧାୟକ



କୋରାପୁଟ, ୬।୪(ଅମିତାଭ ବେହେରା)

କୋରାପୁଟ ଜିଲା ଯୋଜନା କମିଟି ଅଧକ୍ଷ ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସୋମବାର କୋରାପୁଟ ବିଧାୟକ ମାଛ ତାଙ୍କର ଶତାଧିକ ସମର୍ଥକଙ୍କ ସହ ଏକ ଶୋଭାଯାତ୍ରାରେ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଉପସ୍ଥିତିରେ ନିଜ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିବ, ଲୋକେ ଯେପରି ଏହାର ସୁବିଧା ପାଇବେ ସେଥିପ୍ରତି ସେ ଧ୍ୟାନ ଦେବେ ବୋଲି ବିଧାୟକ କହିଛନ୍ତି। ଏହି ସମୟରେ କୋରାପୁଟ ଜିଲା ଭାଜପା ସଭାପତି ଶିବ ମୁଦୁଲିଙ୍କ ସହ କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।

### ଭାଜପାର ୪୭ତମ ସ୍ଥାପନା ଦିବସ ପାଳିତ

କୋରାପୁଟ,୬।୪ (ଅମିତାଭ ବେହେରା)

ଭାଜପାର ୪୭ତମ ସ୍ଥାପନା ଦିବସ କୋରାପୁଟ ବିଧାୟକଙ୍କ ବାସଭବନରେ ଭାଜପା ଜିଲା ସଭାପତି ଶିବ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବୋଧିତ କରିଥିଲେ। ସେ ନିଜ ବକ୍ତବ୍ୟରେ ଭାଜପାର ଐତିହ୍ୟ, ନୀତି ଓ ଉନ୍ନୟନମୂଳକ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇ ଆଗାମୀ ଦିନରେ ଦଳକୁ ଆହୁରି ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିରୋଧୀ କଂଗ୍ରେସ ଓ ବିଜେଡିକୁ ଏହି ଅବସରରେ ବିଧାୟକ ସମାଲୋଚନା କରିଥିଲେ। ଦଳୀୟ ନେତା ଓ କର୍ମୀଙ୍କୁ ଗ୍ରାମ ତଥା ପଞ୍ଚାୟତକୁ ଯାଇ ଲୋକଙ୍କ ସହ କାମ କରିବା ସହ ସେମାନଙ୍କ ସୁଖ ଦୁଃଖରେ ଛିଡା ହେବାପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ଲୋକଙ୍କ ସମସ୍ୟା ସମାଧାନ ପାଇଁ ପ୍ରତି ସପ୍ତାହର ୪ ଦିନ ସକାଳ ୧୦ଟାରୁ ଅପରାହ୍ନ ୨ଟା ଯାଏ କୋରାପୁଟସ୍ଥିତ ମୋ କାର୍ଯ୍ୟାଳୟ ରହି ଲୋକଙ୍କ ଅଭିଯୋଗ ଶୁଣିବି ଓ ତାହାର ସମାଧାନ କରିବି ବୋଲି ବିଧାୟକ ମାଛ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସୁନାବେଡା ପୌରାଧକ୍ଷ ଡ. ରାଜେନ୍ଦ୍ର ପାତ୍ର, ଦଳର ପୂର୍ବତନ ସଭାପତି ବିଜୟ ମିଶ୍ର, ମୁଖ୍ୟବକ୍ତା ଭାବେ ଦଳୀୟ ଉପସଭାପତି ଦେବୀ ପ୍ରସାଦ କର, ଜୟରାମ ଗରଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଆ ପକ୍ଷ ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ସୁନାବେଡା/ସେମିଳିଗୁଡ଼ା, ୬।୪ (କୃତ୍ତିବାସ ପ୍ରଧାନ,ବାସୁଦେବ ବରାଡ଼)

ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ସେମିଳିଗୁଡ଼ା ବ୍ଲକ ପ୍ରଶାସନ ପରିଚାଳନାରେ ସୁବାଇ ପଞ୍ଚାୟତ ଜଗନ୍ନାଥ ମନ୍ଦିର ପରିସରରେ ସ୍ୱଚ୍ଛତା ଦିବସ ପାଳିତ ହୋଇଛି। ସ୍ୱାସ୍ଥ୍ୟ ସଚେତନତା, ଯୁବ ଗୋଷ୍ଠୀର ସଶକ୍ତୀକରଣ ଓ ସାମୁହିକ ଏକତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଏବିଡ଼ିଓ ବସନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ମନ୍ଦିର ପରିସର ସଫେଇ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଆମ ପରିବେଶ ସ୍ୱଚ୍ଛ ରଖିବା। ଏପରି କାର୍ଯ୍ୟ ଆଜିର ଆମ ଯୁବ ପିଢ଼ିକୁ ପ୍ରେରଣା ଦେବ ବୋଲି ଏବିଡ଼ିଓ କହିଥିଲେ। ଏଥିରେ ସରପଞ୍ଚ ମହାଲକ୍ଷ୍ମୀ ପାଙ୍ଗି, ପିଇଓ ସନ୍ଦୀପ ମହାପାତ୍ର, ଦିବ୍ୟ ରାୟଙ୍କ ସମେତ ସମସ୍ତ ସମିତିସଭ୍ୟାସଭ୍ୟ,ସିଆର୍‌ପି ଏବଂ ଏମବିକେ ସାମିଲ ହୋଇଥିଲେ।

### ଓଡ଼ିଆ ପକ୍ଷ ପାଳନ : ବିଭିନ୍ନ ମନ୍ଦିରରେ ସ୍ୱଚ୍ଛତା ଅଭିଯାନ

କୋରାପୁଟ,୬।୪(ଅମିତାଭ ବେହେରା )

ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର କୋରାପୁଟ ସହରରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି। କୋରାପୁଟ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ମା ମୁତ୍ୟାଲୁମା ମନ୍ଦିର ଏବଂ ବିଭିନ୍ନ କାର୍ଯ୍ୟାଳୟରେ ସମୂହ ସଫେଇ କାର୍ଯ୍ୟ କରାଯାଇଥିଲା। କୋରାପୁଟ ପୌର ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ଉପାଧକ୍ଷା ସବିତା ପଣ୍ଡା, କୋରାପୁଟ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଡେପୁଟି କଲେକ୍ଟର ସୌରଞ୍ଜିତା ମାଝୀ, କାଉନସିଲର ଏବଂ ପୌର କାର୍ଯ୍ୟାଳୟର କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ।

# ପ୍ରମାଣପତ୍ର ପାଇଁ ହଇରାଣ ହେଉଛନ୍ତି ଛାତ୍ରୀଛାତ୍ର, ଅଭିଭାବକ

■ ବନ୍ଧୁଗାଁ ତହସିଲରେ କର୍ମଚାରୀ ଅଭାବ
■ ପ୍ରମାଣପତ୍ର ଅଭାବରୁ ଅଧାରୁ ପାଠ ଛାଡିବେ ଅନେକ ଛାତ୍ରୀଛାତ୍ର

ବନ୍ଧୁଗାଁ,୬।୪ (ବେଣୁଧର ଲାବଲା)

କୋରାପୁଟ ଜିଲା ବନ୍ଧୁଗାଁ ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଯୋଗୁ ସୀମାନ୍ତ ଅଞ୍ଚଳର ଶତାଧିକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଚଳିତ ଶିକ୍ଷାବର୍ଷରେ ଷଷ୍ଠ ଓ ଅଷ୍ଟମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଆଶ୍ରମ ବିଦ୍ୟାଳୟରେ ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରୀଛାତ୍ରମାନେ ଜାତି, ଆୟ ଓ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ସେମାନଙ୍କ ଉଚ୍ଚଶିକ୍ଷା ଲାଭ ସଙ୍କଟରେ ପଡ଼ିଛି।

ଏହି ତହସିଲ କାର୍ଯ୍ୟାଳୟରେ ୪ ଜଣ ରାଜସ୍ୱ ସହାୟକ ପଦବୀ ଥିବା ବେଳେ ବର୍ତ୍ତମାନ କାର୍ଯ୍ୟାଳୟ ସହାୟକ ଶୂନ୍ୟ ହୋଇପଡ଼ିଛି । ୨ ଜଣ ବରିଷ୍ଠ ରାଜସ୍ୱ ସହାୟକ ଅନ୍ୟତ୍ର ଡେପୁଟେସନରେ ଅଛନ୍ତି। ଜଣେ କର୍ମଚାରୀ ଦୀର୍ଘ ଦିନରୁ କାର୍ଯ୍ୟାଳୟକୁ ଆସୁ ନ ଥିବା ବେଳେ ଅନ୍ୟ ଜଣେ ସହାୟକଙ୍କ ବେପରୁଆ କାର୍ଯ୍ୟଶୈଳୀ ଯୋଗୁ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ହାତରେ ପ୍ରମାଣପତ୍ର ନ ଥିବାରୁ ନାମ ଲେଖାଇବାରୁ ନିରାଶ ହେଉଛନ୍ତି। ଆଶ୍ରମ ବିଦ୍ୟାଳୟଗୁଡ଼ିକ କେବଳ 'ଆପ୍ଲାଇ ସ୍ଲିପ' ଗ୍ରହଣ କରୁନାହାନ୍ତି। ତୁରନ୍ତ ପ୍ରମାଣପତ୍ର ନ ମିଳେ ତେବେ ବନ୍ଧୁଗାଁ ଅଞ୍ଚଳର ଅନେକ ଗରିବ ପିଲା ଅଧାରୁ ପାଠପଢ଼ା ଛାଡିବାକୁ ବାଧ ହେବେ। ଏ ସମ୍ପର୍କରେ ତହସିଲଦାର ସୋନାଲି ପାତ୍ରଙ୍କୁ ପଚାରିବାରୁ ସେ କର୍ମଚାରୀ ଅଭାବ କଥା ସ୍ୱୀକାର କରିଛନ୍ତି। ଶୀଘ୍ର ବିକଳ୍ପ ବ୍ୟବସ୍ଥା କରି ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି କହିଛନ୍ତି। ଅପରପକ୍ଷରେ ଦୁଇ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଅଭିଭାବକମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି।

## ନନ୍ଦପୁରର ଭଗବାନ ମୁଦୁଲି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ

ନନ୍ଦପୁର, ୬।୪ (ତୁଷାର କାନ୍ତ ମହାନ୍ତି)



ଭଗବାନ ମୁଦୁଲି

ରାଜ୍ୟ ସରକାର ରାଜ୍ୟର ୨୩ ଆଦିବାସୀ ବହୁଳ ଜିଲା ନିମନ୍ତେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଓ ଉପାଧକ୍ଷଙ୍କ ତାଲିକା ଘୋଷଣା କରିଛନ୍ତି। କୋରାପୁଟ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଭାବେ ନନ୍ଦପୁର ବ୍ଲକ ସଦର ମହକୁମା ପଞ୍ଚାୟତ ଖଡକପୁର ଗ୍ରାମର ଭଗବାନ ମୁଦୁଲିଙ୍କୁ ମନୋନୀତ କରାଯାଇଛି। ଏହି ଖବର ଜାଣିବା ପରେ ନନ୍ଦପୁର ବ୍ଲକ ଭାଜପା କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ମୁଦୁଲି ପୂର୍ବରୁ ନନ୍ଦପୁର ପଞ୍ଚାୟତର ସରପଞ୍ଚ, ବ୍ଲକ, ନିର୍ବାଚନ ମଣ୍ଡଳୀ ଓ ଜିଲା ଭାଜପା କମିଟିରେ ବିଭିନ୍ନ ପଦ ପଦବୀରେ ରହି କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସେ କୋରାପୁଟ ଜିଲାର ରାଜ୍ୟ କାଉନସିଲ ସଦସ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ପୂର୍ବ ଅଭିଜ୍ଞତାକୁ ପାଥେୟ କରି ନନ୍ଦପୁର ବ୍ଲକ ସମେତ କୋରାପୁଟ ଜିଲାର ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତିର ହିତରେ କାର୍ଯ୍ୟ କରିବେ ବୋଲି ମୁଦୁଲି କହିଛନ୍ତି। ନନ୍ଦପୁର ଓ ପାଡୁଆ ମଣ୍ଡଳ ଭାଜପା କର୍ମକର୍ତ୍ତାଙ୍କ ସମେତ ପୂର୍ବତନ ଜିଲା ଭାଜପା ସଭାପତି ସରୋଜ ମିଶ୍ର, ବରିଷ୍ଠ ନେତା ଏସକେ ଗଫୁର, ଜାତୀୟ କାଉନସିଲ ସଦସ୍ୟ ଜୟରାମ ଭୋଇ ଅଧକ୍ଷ ମୁଦୁଲିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୩୦ ଅଭିଯୋଗ ଶୁଣିଲେ, ସମାଧାନ ନିର୍ଦ୍ଦେଶ ଦେଲେ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି ।

**ମିଳିତ ଜନଶୁଣାଣି କଲେ ଜିଲାପାଳ, ଏସ୍‌ପି**

ନନ୍ଦପୁର, ୬।୪ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଏସ୍‌ପି ରୋହିତ୍ ବର୍ମାଙ୍କ ଉପସ୍ଥିତିରେ ସୋମବାର ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସର ବୈଠକ ଗୃହରେ ଜିଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଏଡିଏମ ତପନ ନାୟକ, ଉପଜିଲାପାଳ ପ୍ରେମଲାଲ ହିଆଲ, ଜିଲା ପରିଷଦ ଏପିଡି ଆଡମିନ, ଡେପୁଟି କଲେକ୍ଟର ସୌରାଞ୍ଜିତ, ଏଡିପିଏଚଓ ଡା. ସାଇ ସ୍ୱରୂପ, ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି, ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ସୁଦାମ ବିଶ୍ୱାଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାପାଳଙ୍କୁ ନନ୍ଦପୁର ବ୍ଲକବାସୀ ୩ଟି ଏମ୍‌ଜିଏନଆରଇଜିଏସ୍ କାର୍ଯ୍ୟର ଶ୍ରମିକ ଦେୟ ମିଳି ନ ଥିବା, ପାଡୁଆ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ରେଳ ଧାରଣାରେ ପୁସିଙ୍ଗ ବ୍ରିଜ ନିର୍ମାଣ, ନନ୍ଦପୁର ବ୍ଲକରେ ଥିବା ପୁରୁଣା ସରକାରୀ କ୍ୱାଟର୍ସଗୁଡ଼ିକର ଦୁରବସ୍ଥା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳ ଏକ୍ସରେ ମେସିନ ସଜାଡିବା, ନନ୍ଦକା ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା, ମଙ୍ଗଳ ଓ ଶିକ୍ଷାବିଭାଗ ପରିଚାଳିତ ବିଦ୍ୟାଳୟଗୁଡ଼ିକର ଶିକ୍ଷକ ଅଭାବ ଦୂର କରିବା, ଅଙ୍ଗନବାଡ଼ି ଓ ବିଦ୍ୟାଳୟ ଭିତ୍ତିଭୂମି ନିର୍ମାଣ, ଭତ୍ତା, ଆବାସ, ଏକାଧିକ ରାସ୍ତା ନିର୍ମାଣ, ପାନୀୟଜଳ ସମସ୍ୟା ଦୂରୀକରଣ, ଜୋଲାପୁଟ ଜଳଭଣ୍ଡାର ପାଇଁ ଜମି ଦେଇ ବିସ୍ଥାପିତ ହୋଇଥିବା ୧୦ ପଞ୍ଚାୟତବାସୀଙ୍କୁ ପରିଚୟ ପ୍ରଦାନ ସହ ୧୦ ପଞ୍ଚାୟତ ଅଞ୍ଚଳର ବିକାଶ କରିବା ସମ୍ପର୍କରେ ୨୮ଟି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ସେମିଳିଗୁଡା ବ୍ଲକ ସୁଣ୍ଡିପୁଙ୍ଗାର ଗ୍ରାମର ଏସ. ଜଗଦୀଶ ଭାରତମାଳା ପ୍ରକଳ୍ପ ପାଇଁ ଜମିଦେଇ ଅଦ୍ୟାବଧି ଜମି ବାବଦ କ୍ଷତିପୂରଣ ପାଇ ନ ଥିବା ଅଭିଯୋଗ କରିଥିଲେ। ଦଶମନ୍ତପୁର ବ୍ଲକ ମାଛପୁଟ ଗ୍ରାମରୁ ଆସିଥିବା ଶ୍ରାବଣୀ ଖେମୁଣ୍ଡୁ ଉଦ୍ୟାନ ବିଭାଗରେ କାର୍ଯ୍ୟରତ ଥିବା ଅବସ୍ଥାରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ କୌଣସି ସରକାରୀ ସହାୟତା ପାଇ ନ ଥିବା ଅଭିଯୋଗ କରିଥିଲେ। ୩୦ଟି ଅଭିଯୋଗର ତୁରନ୍ତ ସମାଧାନ ଲାଗି ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନନ୍ଦପୁର ବ୍ଲକ ଅଧକ୍ଷା ସାବିତ୍ରୀ କାର୍ତ୍ତୁଲ, ତହସିଲଦାର ଦେବବ୍ରତ ମହାରଣା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ଏସଡିପିଓ ଦେବେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ପରିଚାଳନା କରିଥିଲେ। ଶିବିର ପରେ ଜିଲାପାଳ ଓ ଅନ୍ୟ ଅଧିକାରୀ ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସବସେଣ୍ଟର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ନନ୍ଦପୁର ଛତୁଆ ପ୍ରସ୍ତୁତି କେନ୍ଦ୍ର, ଛେଲିଆମୁଣ୍ଡା ନର୍ସରୀ, ସେମେଳାସ୍ଥିତ ଘୁଷୁରି ଓ କୁକୁଡ଼ା ଫାର୍ମ ଜିଲାପାଳ ପରିଦର୍ଶନ କରିଥିଲେ।

## ୱାର୍ଡ ସଭ୍ୟାଙ୍କ ପରଲୋକ

ନନ୍ଦପୁର, ୬।୪ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବିଲାପୁଟ ପଞ୍ଚାୟତର ୱାର୍ଡ ନଂ. ୯ (ଜବାଗଡ) ୱାର୍ଡ ସଭ୍ୟା ମଗ୍ଗୁଳି ଦଳପତି (୫୩)ଙ୍କ ସୋମବାର ଭୋର୍ ସମୟରେ ପରଲୋକ ହୋଇଛି। ଜଣେ ମିଷ୍ଟଭାଷୀ ପରୋପକାରୀ ମହିଳା ଭାବେ ସେ ପରିଚିତ ଥିଲେ। ସେ ସବୁବେଳେ ନିଜ ୱାର୍ଡ ଓ ପଞ୍ଚାୟତର ବିକାଶ ଚିନ୍ତା କରୁଥିଲେ ବୋଲି ସରପଞ୍ଚ ରାଜେଶ ଲେନ୍ଦୁ କହିଛନ୍ତି। ଶୋକାକୁଳ ପରିବେଶରେ ଜବାଗଡ ଗ୍ରାମ ଶ୍ମଶାନରେ ମଗ୍ଗୁଳିଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବଡ ଝିଅ ବିବାହ କରିସାରିଛନ୍ତି। ସ୍ୱାମୀ ଶ୍ୟାମଙ୍କ ଦାୟିତ୍ୱରେ ଏବେ



ନାବାଳକ ଝିଅପୁଅମାନେ ଅଛନ୍ତି। ତାଙ୍କ ପରିବାରକୁ ସରକାର ସହାୟତା ଯୋଗାଇ ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଶିବିରରେ ୪ ଅଭିଯୋଗ ପଞ୍ଜୀକୃତ



ଶିବିରରେ ଅଭିଯୋଗ ପଞ୍ଜୀକୃତ କରୁଛନ୍ତି ।

ସୁନାବେଡା/ସେମିଳିଗୁଡ଼ା,୬।୪ (କୃତ୍ତିବାସ ପ୍ରଧାନ,ବାସୁଦେବ ବରାଡ଼)

ସେମିଳିଗୁଡା ବ୍ଲକ ଉପର କାଣ୍ଟି ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ଡବ୍ଲ୍ୟୁଇଓ ) ହର ପ୍ରସାଦ ଦାସଙ୍କ ଅଧକ୍ଷତାରେ ହୋଇଥିବା ଏହି ଶିବିରରେ ୪ଟି ଅଭିଯୋଗର ଶୁଣାଣି ହୋଇଥିଲା । ଯେଉଁଥିରେ ଏମ୍‌ଜିଏନଆରଇଜିଏସ୍ ବକେୟା ରାଶି, ଭତ୍ତା ସହ ସ୍କୁଲ ପରିସର ୱାଲ ନିର୍ମାଣ ଲାଗି ଅଭିଯୋଗଗୁଡିକରେ ଉଲେଲଖ ଥିଲା। ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ହୋଇଥିଲା । ଶିବିରରେ ବିଏସ୍‌ଏସ୍‌ଓ ଟି. ଶୁରଭି, ବିପିସି ପେଶା ପ୍ରମୋଦ ଖିଲ, ବିପିଏ ସୁନୀଲ ଗରଡା, ସରପଞ୍ଚ ସାଲୋ ସାଆନ୍ତାଙ୍କ ସମେତ ଆର୍‌ଡବ୍ଲ୍ୟୁ ଏସ୍‌ଏସ୍, ଉଦ୍ୟାନ, ବନବିଭାଗ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଆଇସିଡ଼ିଏସ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବାର୍ଦ୍ଧକ୍ୟ ଭତ୍ତା ପାଇଁ ଜଣେ ବୃଦ୍ଧ ଆବେଦନ କରିଥିଲେ ମଧ୍ୟ ଭତ୍ତା ଟଙ୍କା ପାଇ ନ ଥିବା ନେଇ ସେ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍‌ରେ ୨ଟି କାମ ଶେଷ ହୋଇଥିଲେ ମଧ୍ୟ ସେ ବାବଦ ଟଙ୍କା ଏଯାଏ ମିଳି ନ ଥିବା ସମ୍ପର୍କରେ କାର୍ଯ୍ୟ କରିଥିବା ଠିକାଦାର ଶୁଣାଣିରେ ଅଭିଯୋଗ କରିଥିଲେ।

## ଭାଜପାର ପ୍ରତିଷ୍ଠା ଦିବସ ପାଳିତ

ବୋରିଗୁମ୍ମା, ୬।୪(ବିଜୟ ସାହୁ)

ବୋରିଗୁମ୍ମାସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଭାଜପାର ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଛି। ଏଥିରେ ଜୟପୁର ନିର୍ବାଚନ ମଣ୍ଡଳୀର ସମସ୍ତ ନେତୃବୃନ୍ଦଙ୍କ ସମେତ ବୋରିଗୁମ୍ମା ମଣ୍ଡଳର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ଜୟପୁରର ଯୁବ ନେତା ଗୌତମ ସାମନ୍ତରାୟ ମୁଖ୍ୟ ଅତିଥି, ଜିଲା ଉପ ସଭାପତି ରାଜା ସିଂହ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥଲେ। ବୋରିଗୁମ୍ମା ମଣ୍ଡଳ ସଭାପତି ବିଘ୍ନେଶ୍ୱର ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ସାମୂହିକ ବନ୍ଦେ ମାତରଂ ଗାନ କରାଯାଇଥିଲା । ପ୍ରତିଷ୍ଠା ଦିବସର ମହତ୍ୱ ସମ୍ପର୍କରେ ମୁଖ୍ୟ ଅତିଥି ସାମନ୍ତରାୟ ଆଲୋକପାତ କରିଥିଲେ। ଆଗକୁ ଦଳର ଆଭିମୁଖ୍ୟ କଣ ରହିବ ଏବଂ ସଙ୍ଗଠନ କିପରି ଆଗକୁ ବଢ଼ିବ ସେ ନେଇ ବରିଷ୍ଠ କାର୍ଯ୍ୟକର୍ତ୍ତା ଗୁପ୍ତପ୍ରସାଦ ଗନ୍ତାୟତ ମତ ରଖିଥିଲେ। ବୋରିଗୁମ୍ମା ମଣ୍ଡଳ ଉପ ସଭାପତି ମାନସ ରଥ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଜିଲା ଉପସଭାପତି ରାଧେଶ୍ୟାମ ପରିଡ଼ା, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ବାସନ୍ତୀ ଶତପଥୀ, ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟ କାରିଣୀ ସଦସ୍ୟ ସରୋଜ ପାଣିଗ୍ରାହୀ, ଜିଲା ମହିଳା ସଭାପତି ସ୍ୱାତୀ ହୋତା, ଜୟପୁର ମଣ୍ଡଳ ସଭାପତି ସମହାନ୍ତି ମନୋଜ, ଆମ୍ବଗୁଡ଼ା ମଣ୍ଡଳ ସଭାପତି ସନ୍ତୋଷ ପଟ୍ଟନାୟକ, ବୋରିଗୁମ୍ମା ପୂର୍ବତନ ବ୍ଲକ ଆଧକ୍ଷ ଗୋପୀ ନାୟକ ଓ ଅନ୍ୟ ମଣ୍ଡଳ ସଭାପତିମାନେ ଉପସ୍ଥିତ ଥିଲେ।

## ବଡ଼ଦେବତା ମନ୍ଦିର ବାସନ୍ତିକ ପୂଜା ଲାଗି କଳସ ଯାତ୍ରା



କଳସ ଯାତ୍ରାରେ ଭାଗ ନେଇଥିବା ମହିଳାମାନେ ।

ନନ୍ଦପୁର/ ପାଡୁଆ ୬।୪ (ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକର ପ୍ରସିଦ୍ଧ ପାଡୁଆ ବଡଦେବତା ମନ୍ଦିରରେ ପ୍ରତିବର୍ଷ ଚୈତ୍ର ମାସ ଶେଷ ମଙ୍ଗଳବାରରେ ହେଉଥିବା ବାସନ୍ତିକ ପୂଜା ବା ଯାତ୍ରା ଲାଗି ସୋମବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସକାଳୁ ମହିଳା ଓ କିଶୋରୀମାନେ ପାତାଳୀ ନଦୀ ଘାଟରୁ ୧୦୮ କଳସ ଜଳ ସଂଗ୍ରହ କରି ମନ୍ଦିର ପରିସରରେ ଘଟ ସ୍ଥାପନ କରିଥିଲେ। ମଙ୍ଗଳବାର ମୁଖ୍ୟ ପୂଜା ଅନୁଷ୍ଠିତ ହେବ ବୋଲି ପୂଜକ ମାରୁଥି ଶର୍ମା, ଗୁପ୍ତ ହନ୍ତାଳ ସୂଚନା ଦେଇଛନ୍ତି। ଚଳିତ ବର୍ଷ ପୂଜା ବିଧି ଆୟୋଜନ ଏସ୍. ଜୟ ପ୍ରକାଶ ରାଓ, କେ. ଗୋବିନ୍ଦ ରାଓ, କେ ସାଇ ରାଜୁ, ବିଶ୍ୱନାଥ ମହାନ୍ତି, ଶଶି ନାୟର୍, ମଧୁ ସୁଦନ ରାଓ ଓ ସାଇ କୁମାର ପ୍ରମୁଖ କରିଛନ୍ତି। ମଙ୍ଗଳବାର ବହୁ ସଂଖ୍ୟାରେ ଆନ୍ଧ୍ର ଏବଂ ଓଡିଶା ଦୁଇ ରାଜ୍ୟର ଶ୍ରଦ୍ଧାଳୁଙ୍କ ସମାଗମ ହେବ।

# ଓଡ଼ିଆପକ୍ଷ ଅବସରରେ ସାହିତ୍ୟ ପ୍ରତିଯୋଗିତା, ଯୁବଲେଖକ ସମ୍ମିଳନୀ

କୋରାପୁଟ, ୬।୪(ଅମିତାଭ ବେହେରା)

ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ ହେଉଛି। ଏହି ଅବସରରେ କୋରାପୁଟସ୍ଥିତ ସରକାରୀ ଡିଏଭି ମହାବିଦ୍ୟାଳୟଠାରେ ରବିବାର ଜୋନସ୍ତରୀୟ ସାହିତ୍ୟ ପ୍ରତିଯୋଗିତା ଓ ଯୁବଲେଖକ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। ଏହି ପ୍ରତିଯୋଗିତାରେ ଅବିଭକ୍ତ କୋରାପୁଟ ଜିଲାର ପ୍ରାୟ ୪୦ଟି ମହାବିଦ୍ୟାଳୟର ୯୦ଜଣ ଛାତ୍ରୀଛାତ୍ର ଓ ଅଧ୍ୟାପକ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଗଳ୍ପ ଲିଖନ, କବିତା ଲିଖନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତା ପରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟପୁରସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ମହେନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଭାବେ ଗାଳ୍ପିକ ତଥା ସମାଲୋଚକ ନାରାୟଣ ପଣ୍ଡା ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧକ୍ଷ ଦୀପକ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ସଂପାଦକ ଡ. ଲୋପାମୁଦ୍ରା ସ୍ୱାଇଁ ସ୍ୱାଗତ ସୂଚନା ଦେଇଥିଲେ। ଅଧାପକ ଜ୍ୟୋତିରାଜ ମହାପାତ୍ର ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଡ. ଲହରୀ ବେହେରା, ଜାହ୍ନବୀ ଦୋରା , ଅସ୍ୱିଆ ବାନୋ, ଶୁଭମ ସାହୁ, ପ୍ରଶାନ୍ତ ସାନ୍ତରା, ଡ଼.ସ୍ନିଗ୍ଧା ବେହେରା ସହଯୋଗ କରିଥିଲେ। ଗଳ୍ପ , କବିତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତୀ । ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# କୁଠାରି ସାର ବିକ୍ରୟ କେନ୍ଦ୍ର ଲାଇସେନ୍‌ସ ରଦ୍ଦ

**ସାର ବିକ୍ରିରେ ଅନିୟମିତତା ଅଭିଯୋଗ ପରେ ଚଢାଉ**

ଜୟପୁର,୬।୪(ପବନ ପାଣିଗ୍ରାହୀ)

ଆସନ୍ତା ଖରିଫରେ ୟୁରିଆ ଅଭାବ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ସାର ବିକ୍ରିରେ ଅନିୟମିତତା ହେଉଥିବା ଅଭିଯୋଗ ପରେ କୋଟପାଡର କୁଠାରି ଫର୍ଟିଲାଇଜର୍ସ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ସାର ବିକ୍ରୟ କେନ୍ଦ୍ର ଫର୍ଟିଲାଇଜସର ଲାଇସେନ୍ସ ରଦ୍ଦ କରାଯାଇଛି। ସାର ବିକ୍ରିରେ ଅନିୟମିତତା ରୋକିବାକୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ଗଠନ କରାଯାଇଛି। ୟୁରିଆ ବିକ୍ରିରେ ଅନିୟମିତତା ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ ସରକାରୀ ଓ ବେସରକାରୀ ବ୍ୟବସାୟ ପ୍ରତିଷ୍ଠାନରେ ଚଢାଉ କରାଯାଇଛି। କୁଠାରି ଫର୍ଟିଲାଇଜର୍ସ ଉପରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉପଜିଲାପାଳ ଯଦୁମଣି ନାୟକ, ସିଡିଏଓ ଏସ. ଦଳବେହେରା, କୃଷି ଜିଲା ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଏଡିଏ କାହ୍ନୁ ଚରଣ ଦାସ, ବ୍ଲକ କୃଷି ଅଧିକାରୀ ଶୀତିକଣ୍ଠ ଦାସ ଯାଞ୍ଚ ବେଳେ ଉପସ୍ଥିତ ଥିଲେ। କୋଟପାଡ ସାର ଦୋକାନ ଉପରେ ଚଢାଉ ପରେ ଜୟପୁରର ସାର ହୋଲ ସେଲର ଲକ୍ଷ୍ମୀ ଟ୍ରେଡି କୋ ଦୋକାନକୁ ଯାଞ୍ଚ କରାଯାଇଥିଲା।

## ଲକ୍ଷ୍ମୀପୁର ଅଞ୍ଚଳରୁ ଗଞ୍ଜେଇ ଜବତ

ଲକ୍ଷ୍ମୀପୁର, ୬।୪(ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାକରିଗୁମା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ରାତିରେ ନାର୍କୋଟିକ ଟିମ୍ ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏହାକୁ କାକିରିଗୁମା ଥାନାରେ ରଖାଯାଇଛି। କୋରାପୁଟ ସଦର ଥାନା ପୋଲିସ, ଦାମନଯୋଡି ପୋଲିସ ଏବଂ ଲକ୍ଷ୍ମୀପୁର ପୋଲିସ ସହାୟତାରେ ନାର୍କୋଟିକ ଟିମ୍ ଏହି ଚଢାଉ କରିଥିଲା। ଏହି ସମୟରେ ବ୍ୟବହୃତ ଦୁଇଟି ମିନି ପିକ୍‌ଅପ୍ ଭ୍ୟାନକୁ ଜବତ କରାଯାଇଛି। ଗଞ୍ଜେଇ କାରବାରରେ ସମ୍ପୃକ୍ତ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ପିକ୍‌ଅପ୍ ଭ୍ୟାନ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଜବତ ଗଞ୍ଜେଇର ପରିମାଣ ଆକଳନ କରାଯାଇନାହିଁ ।

# ଜିଲାପାଳ, ଏସ୍‌ପି ଦେଲେ ଚଇତ ପରବ ଟିକା ପାଉଣା

ନନ୍ଦପୁର, ୬।୪ (ତୁଷାର କାନ୍ତ ମହାନ୍ତି)

ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ନିଆରା। ଆଧୁନିକତାର ଛପରେ ପଡି ଉକ୍ତ ପ୍ରଥା ପରମ୍ପରା ଓ ସଂସ୍କୃତି ଧିରେ ଧୀରେ ଲୋପ ପାଇବାକୁ ବସିଛି। ଏପରିସ୍ଥଳେ କୋରାପୁଟ ଜିଲାରେ ବସବାସ କରୁଥିବା ସମସ୍ତ ନାଗରିକ ଅଦିବାସୀଙ୍କ ବିଭିନ୍ନ ପରବରେ ସାମିଲ ହୋଇ ପର୍ବ ପାଳନ କରୁଥିବା ଆଦିବାସୀଙ୍କୁ ଉତ୍ସାହିତ କରନ୍ତୁ ବୋଲି ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଏସ୍‌ପି ରୋହିତ୍ ବର୍ମା ପରାମର୍ଶ ଦେଇଛନ୍ତି। ସୋମବାର ନନ୍ଦପୁର ବ୍ଲକରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିର ଶେଷରେ ଦୁଇ ଅଧିକାରୀ ବାହାରେ ଚଇତ ପରବ ଟିକା ଲଗାଇ ପାଜର ମାଗିବାକୁ ଅପେକ୍ଷାରତ ମହିଳାମାନଙ୍କୁ ଭେଟି ଚଇତ ପରବର ଶୁଭେଚ୍ଛା ଜଣାଇଥିଲେ। ମହିଳାମାନେ ଧରିଥିବା ଟିକା ଥାଳିରେ ଦୁହେଁ ୫ଶହ ଟଙ୍କା ଲେଖାଏ ପାଜର ପାଉଣା ଦେଇଥିଲେ। ମହିଳାମାନେ ଜିଲାପାଳ ଓ ଏସ୍‌ପିଙ୍କୁ ଫୁଲ ଚନ୍ଦନ ଟିକା ଦେଇ କୃତଜ୍ଞତା ଜଣାଇଥିଲେ।



ମହିଳାଙ୍କୁ ଚଇତ ପରବ ଟିକା ପାଜର ଦେଉଛନ୍ତି ଜିଲାପାଳ ଓ ଏସ୍‌ପି ।

# ନିଶା କାରବାର ବନ୍ଦନେଇ ଥାନାର ଦ୍ୱାରସ୍ଥ ହେଲେ ମହିଳା

କୁନ୍ଦୁରା,୬।୪ (ସନ୍ତୋଷ ପ୍ରହରାଜ)



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ମସିଗାଁ ପଞ୍ଚାୟତ ବରଗୁଡା ଗ୍ରାମର ମହିଳାମାନେ ଗ୍ରାମରେ ନିଶା କାରବାର ବନ୍ଦ ଦାବି ନେଇ ସୋମବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଦୀର୍ଘ ଦିନ ଧରି ଏହି ଗ୍ରାମରେ ଚୋରାରେ ମଦ କାରବାର ଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି। ଗ୍ରାମରେ ଉକ୍ତ ମଦଭାଟି ଥିବାରୁ ଗ୍ରାମର ଅନେକ ଯୁବକ ଓ ବୟସ୍କ ବ୍ୟକ୍ତିମାନେ କାମ ଧନ୍ଦା ଛାଡି ସକାଳୁ ସନ୍ଧ୍ୟା ଯାଏ ମଦ ଭାଟିରେ କଟାଉଥିବା ଦେଖିବାକୁ ମିଳୁଛି। ଗ୍ରାମରେ ଚୋରି ବଢ଼ିବାରେ ଲାଗିଛି। ଦିନକୁ ଦିନ ଗ୍ରାମ ଅଶାନ୍ତ ହୋଇପଡୁଛି। ଗ୍ରାମରେ ଯେଉଁମାନେ ମଦ କାରବାର କରୁଛନ୍ତି ସେମାନଙ୍କୁ ମଦ ବନ୍ଦ କରିବାକୁ କହିଲେ ସେମାନେ ଧମକ ଚମକ ଦେଉଛନ୍ତି। ସବୁ ଜାଣି ଅବକାରୀ ବିଭାଗ ନୀରବ ରହିଛି ବୋଲି ମହିଳାମାନେ ଏତଲାରେ ଉଲ୍ଲେଖ କରିଛନ୍ତି। ଏହାଦ୍ୱାରା ଗ୍ରାମର ଛୋଟ ଛୋଟ ପିଲାମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଯଦି ପୋଲିସ କିଛି ପଦକ୍ଷେପ ନ ନିଏ ତେବେ ଆମେ ଆଇନକୁ ହାତକୁ ନେବୁ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି।

